

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:181✦28 October 2026 (Wednesday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୮୧✦୨୮ ଅକ୍ଟୋବର ୨୦୨୬ (ବୁଧବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ ଅଧିକାରୀଙ୍କ ସହ କଥା ହେଲେ ମନ୍ତ୍ରୀ



ଛତ୍ରପୁର,୨୭/୧୦(ନି/ପ୍ର):ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଏବଂ ଏହାର ପ୍ରଭାବରେ ହେବାକୁ ଥିବା ପ୍ରବଳ ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ଗଞ୍ଜାମ ଜିଲ୍ଲାରେ ଗ୍ରହଣ କରାଯାଇଥିବା ସମସ୍ତ ପ୍ରସ୍ତୁତି ଓ ଆଗୁଆ ପଦକ୍ଷେପ ସମ୍ପର୍କରେ ଆଜି ସମୀକ୍ଷା କରାଯାଇଛି। ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବାତ୍ୟା ମୁକାବିଲା, ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା, ଜଳ ନିଷ୍କାସନ, ଯୋଗାଯୋଗ ଏବଂ ଜନସାଧାରଣଙ୍କ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମୀକ୍ଷା ସମୟରେ ମନ୍ତ୍ରୀ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ପୃଥକ୍ ଭାବେ ଆଲୋଚନା କରି ବାତ୍ୟା ମୁକାବିଲା ପାଇଁ ନିଆଯାଇଥିବା ଆଗୁଆ ପଦକ୍ଷେପ, କ୍ଷେତ୍ରସ୍ତରରେ ପ୍ରସ୍ତୁତିର ସ୍ଥିତି, ଆବଶ୍ୟକ ଯନ୍ତ୍ରପାତି ଓ କର୍ମଚାରୀଙ୍କ ଉପଲବ୍ଧତା ଏବଂ ଜରୁରୀ ପରିସ୍ଥିତିରେ ତ୍ୱରିତ ପଦକ୍ଷେପ ଗ୍ରହଣ ପାଇଁ ରହିଥିବା ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ନେଇଥିଲେ। ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଆକଳନ କରି ସମସ୍ତ ବିଭାଗକୁ ସଜାଗ ରହିବା ସହ ଆବଶ୍ୟକ ସ୍ଥଳେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍‌ର ପ୍ରସ୍ତୁତି, ବାତ୍ୟା ଆଶ୍ରୟସ୍ଥଳରେ ଆବଶ୍ୟକୀୟ ସୁବିଧା, ବିପଦପ୍ରବଣ ଅଞ୍ଚଳରୁ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ, ରନ୍ଧା ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଣ, ସ୍ୱାସ୍ଥ୍ୟସେବା ଏବଂ ଗର୍ଭବତୀ ମହିଳାଙ୍କ ସୁରକ୍ଷା ସମ୍ପର୍କରେ ବିଭାଗୀୟ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା। ଏଥିସହ ବ୍ରହ୍ମପୁର ସହର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଡ୍ରେନ୍ ଓ ନାଳ ସଫେଇ, ଜଳବନ୍ଦୀ ସମସ୍ୟା ଏଡ଼ାଇବା ଏବଂ ରାସ୍ତାରେ ଯାତାୟାତ ସ୍ୱାଭାବିକ ରଖିବା ଆଦି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ରହ୍ମପୁର ମହାନଗର ନିଗମର କମିଶନର, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ବିଭିନ୍ନ ବିଭାଗର ବରିଷ୍ଠ ଯନ୍ତ୍ରୀ, ଅଗ୍ନିଶମ, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ଅନ୍ୟାନ୍ୟ ଜରୁରୀକାଳୀନ ସେବା ସହ ସମ୍ପୃକ୍ତ ଅଧିକାରୀମାନେ ଯୋଗଦେଇଥିଲେ।

## ନବୀନଙ୍କ ଚିଠିର ଉତର ଦେଲେ ମୁଖ୍ୟମନ୍ତ୍ରୀ

### 'ସମାଧାନ ପାଇଁ ଗଠନମୂଳକ ପରାମର୍ଶ ଥିଲେ ଦିଅନ୍ତୁ'




ଭୁବନେଶ୍ୱର,୨୭/୧୦(ନି/ପ୍ର): କୋଟିଆ ସୀମା ବିବାଦକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଚିଠିର ଉତର ଦେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ନବୀନଙ୍କ ଚିଠିର ଜବାବ ଦେଇ ମୋହନ କହିଛନ୍ତି ଯେ, ୧୯୩୬ରେ ଓଡ଼ିଶା ଗଠନ ହେବା ପରଠାରୁ କୋଟିଆ ଗ୍ରାମପୁଞ୍ଜ ରାଜ୍ୟର ଅବିଚ୍ଛେଦ୍ୟ ଅଂଶ । ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ଓ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ପ୍ରତିବଦ୍ଧ । କୋଟିଆ ପ୍ରସଙ୍ଗକୁ ରାଜନୈତିକ ଦୃଷ୍ଟିକୋଣରୁ ନୁହେଁ, ବରଂ ଆଇନଗତ ଓ ସାମ୍ବିଧାନିକ ଉପାୟରେ ସମାଧାନ କରିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କୋଟିଆ ଓ ଆଖପାଖ ଅଞ୍ଚଳର ସମନ୍ୱିତ ବିକାଶ ପାଇଁ ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହୋଇଛି । ଏଥିସହ ଅଞ୍ଚଳର ବିକାଶ ଓ ଲୋକଙ୍କ ଜୀବନଧାରଣର ମାନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଦୀର୍ଘଦିନର ଏହି ବିବାଦର ସମାଧାନ ପାଇଁ ନବୀନବାବୁ ଗଠନମୂଳକ ପରାମର୍ଶ ଦିଅନ୍ତୁ ବୋଲି ଚିଠିରେ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ।

## ସ୍ଥଳଭାଗ ଛୁଇଁଲା ବେଳକୁ ବାତ୍ୟାର ଘଟାଂ ପିଛା ବେଗ ରହିବ ୧୫୦କିମି !



ନୂଆଦିଲ୍ଲୀ/ଭୁବନେଶ୍ୱର,୨୭/୧୦: ଭାରତୀୟ ପାଣିପାଗ ବିଭାଗ ସାମୁଦ୍ରିକ ଝଡ଼ 'ଅର୍ଣବ'କୁ ନେଇ ଚେତାବନୀ ଜାରି କରିଛି। ବାତ୍ୟା ଚେତାବନୀ କେନ୍ଦ୍ରର ନିର୍ଦ୍ଦେଶକ ପି.ଏଲ୍.ଏନ୍ ମୂର୍ତ୍ତିଙ୍କ ଅନୁସାରେ 'ଅର୍ଣ୍ଣବ' ଏବେ ବାତ୍ୟାର ବିପଦପୂର୍ଣ୍ଣ ବର୍ଗରେ ସାମିଲ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ଘୂର୍ଣ୍ଣିବଳୟ ଘଟାଂପିଛା ୨୩କିମି ବେଗରେ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେଉଛି। ଆଜି ଏହାର ରୂପରେଖ ଆହୁରି ବଦଳିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆରମ୍ଭରୁ ଏହା ପଶ୍ଚିମ-ଉତର-ପଶ୍ଚିମ ଦିଗରେ ବଢ଼ିବ ଏବଂ ପରେ ଉତ୍ତର-ପଶ୍ଚିମ ଅଭିମୁଖେ ଦିଗ ବଦଳାଇ ବାପଟଲା ଏବଂ ବିଶାଖାପାଟଣା ମଧ୍ୟରେ ୟାନମ ନିକଟରେ ସ୍ଥଳଭାଗ ଅତିକ୍ରମ କରିବ। ସ୍ଥଳଭାଗ ସ୍ପର୍ଶ କଲା ବେଳକୁ ବାତ୍ୟାର ଘଟାଂ ପିଛା ପବନର ବେଗ ୧୨୫ରୁ ୧୩୫କିମି ରହିବାର ଅନୁମାନ କରାଯାଉଛି। କିନ୍ତୁ ଏହା ଘଟାଂ ପିଛା ୧୫୦କିମି ପହଂଚି ପାରେ। ଡା. ମୂର୍ତ୍ତି ମତ୍ସ୍ୟଜୀବୀମାନଙ୍କ ପାଇଁ ସ୍ପଷ୍ଟ ଚେତାବନୀ ଜାରି କରିଛନ୍ତି ଯେ, ଅକ୍ଟୋବର ୩୦ ତାରିଖ ସକାଳ ପର୍ଯ୍ୟନ୍ତ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଆନ୍ତୁ ନାହିଁ। ସମୁଦ୍ରର ସ୍ଥିତି ଏବେ ଖରାପ ରହିବ। ବନ୍ଦରଗୁଡ଼ିକ ପାଇଁ ମଧ୍ୟ ବିପଦ ସଂକେତ ଜାରି କରାଯାଇଛି।

## ଆମେରିକା ମଧ୍ୟବର୍ତୀ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା

### ହାତରୁ ଖସିପାରେ ହାଉସ୍‌ର କ୍ଷମତା !



ନୂଆଦିଲ୍ଲୀ, ୨୭।୧୦: ଆମେରିକାରେ ମଧ୍ୟବର୍ତୀକାଳୀନ ନିର୍ବାଚନ ପାଇଁ ଆଉ ମାତ୍ର ଗୋଟିଏ ସପ୍ତାହ ବାକି ଥିବାବେଳେ ସାମ୍ନାକୁ ଆସିଥିବା ଜନମତ ସର୍ଭେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ରିପବ୍ଲିକାନ ପାର୍ଟିର ଚିନ୍ତା ବଢ଼ାଇ ଦେଇଛି । ଟାରିଫ୍ ଯୁଦ୍ଧ ଏବଂ ଇରାନ ସଂଘର୍ଷ କାରଣରୁ ଆମେରିକୀୟ ଭୋଟରମାନଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିବାବେଳେ, ସର୍ଭେ ଫଳାଫଳ ଏହି ଅସନ୍ତୋଷକୁ ସ୍ପଷ୍ଟ ଭାବେ ଦର୍ଶାଉଛି । ନିର୍ବାଚନ ବିଶ୍ଳେଷକଙ୍କ ମତରେ, ରିପବ୍ଲିକାନ ପାର୍ଟି 'ହାଉସ୍ ଅଫ୍ ରେପ୍ରେଜେଂଟେଟିଭ୍ସ' ଉପରୁ ନିୟନ୍ତ୍ରଣ ହରାଇପାରେ । ସେପଟେ ସିନେଟ୍ ଫଳାଫଳକୁ ନେଇ ଏପର୍ଯ୍ୟନ୍ତ ଅନିଶ୍ଚିତତା ଜାରି ରହିଛି । ଯଦି ଡେମୋକ୍ରାଟ୍ସ କୌଣସି ଗୋଟିଏ ସଦନ ଉପରେ ନିୟନ୍ତ୍ରଣ ହାସଲ କରନ୍ତି, ତେବେ ସେମାନେ ଟ୍ରମ୍ପଙ୍କ ନୀତିରେ ବାଧା ସୃଷ୍ଟି କରିପାରନ୍ତି । ପୂର୍ବ କାର୍ଯ୍ୟକାଳ ପରି ମହାଭିଯୋଗ ପରିସ୍ଥିତି ପୁଣି ଉପୁଜିପାରେ ବୋଲି ଟ୍ରମ୍ପ ନିଜେ ମଧ୍ୟ ସମର୍ଥକଙ୍କୁ ସତର୍କତା କରାଇଛନ୍ତି ।

### ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାଧୁତା ଶପଥ ପାଠ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୭/୧୦(ନି/ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ' ପାଳନ ଅବସରରେ ସୋମବାର ଉଚ୍ଚଶିକ୍ଷା ବିଭାଗ ପରିସରରେ 'ସାଧୁତା ଶପଥ ପାଠ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତି ନିବାରଣ ପାଇଁ ନିଜର ନିରନ୍ତର ଉଦ୍ୟମ ଜାରି ରଖିବା ସହ ପୂର୍ଣ୍ଣ ସ୍ୱଚ୍ଛତା ଓ ନୈତିକତାର ସହ ନିଜର ନିଷ୍ଠାପର ସେବା ପ୍ରଦାନକୁ ଜାରି ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଆଣିବା ପାଇଁ ସଂକଳ୍ପବଦ୍ଧ।

## ଆନ୍ଧ୍ରମୁହାଁ ଅତି ଭୀଷଣ ବାତ୍ୟା ଅର୍ଣ୍ଣବ, ଅନ୍ଧାର ହୋଇଗଲା ଭୁବନେଶ୍ୱର



ଭୁବନେଶ୍ୱର,୨୭/୧୦(ନି/ପ୍ର): ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ରାଜଧାନୀ ଭୁବନେଶ୍ୱରରେ ସକାଳୁ ଝିପିଝିପି ବର୍ଷା ଲାଗି ରହିଛି। ସକାଳ ପ୍ରାୟ ୯ଟାରୁ ଆକାଶ ମେଘାଚ୍ଛନ୍ନ ହୋଇ ଅନ୍ଧକାରମୟ ହୋଇପଡ଼ିଥିବା ବେଳେ ଧୀରେ ଧୀରେ ପବନର ବେଗ ମଧ୍ୟ ବଢୁଥିବା ଦେଖିବାକୁ ମିଳିଛି। ସେହିପରି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକରେ ମଧ୍ୟ ବର୍ଷା ଆରମ୍ଭ ହୋଇଛି। ମଝିରେ ମଝିରେ ପବନର ବେଗ ବଢୁଛି। ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ମଧ୍ୟ ବାତ୍ୟାର ପ୍ରଭାବ ଅନୁଭୂତ ହେଉଛି। ଗଞ୍ଜାମ, ଗଜପତି ଓ କୋରାପୁଟ ଜିଲ୍ଲାରେ ବର୍ଷା ଲାଗି ରହିଛି। ଭାରତୀୟ ପାଣିପାଗ ବିଭାଗ (ଓଗଓ)ର ୨୭ ଅକ୍ଟୋବର ଭୋରର ବୁଲେଟିନ୍ ଅନୁସାରେ, ବାତ୍ୟା ଅର୍ଣ୍ଣବ ଅତି ଭୀଷଣ ବାତ୍ୟାରେ ପରିଣତ ହୋଇଛି । ଏହା ଘଟାଂପ୍ରତି ପ୍ରାୟ ୨୨ କିଲୋମିଟର ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି। ବାତ୍ୟାଟି ଆନ୍ଧ୍ରପ୍ରଦେଶ ଓ ୟାନମ୍ ଉପକୂଳ ଆଡ଼କୁ ମୁହାଁଉଛି। ବୁଲେଟିନ୍ ଅନୁସାରେ, ଅକ୍ଟୋବର ୨୬ ରାତିରେ ବାତ୍ୟା କେନ୍ଦ୍ର ଗୋପାଳପୁରଠାରୁ ପ୍ରାୟ ୪୦୦ କିଲୋମିଟର ଦକ୍ଷିଣ-ଦକ୍ଷିଣପୂର୍ବରେ, ବିଶାଖାପାଟଣା ଠାରୁ ୩୫୦ କିଲୋମିଟର ଦକ୍ଷିଣ-ଦକ୍ଷିଣପୂର୍ବରେ ଏବଂ କାକିନାଡାଠାରୁ ୪୨୦ କିଲୋମିଟର ପୂର୍ବ-ଦକ୍ଷିଣପୂର୍ବରେ ରହିଥିଲା। ଓଗଓର ପୂର୍ବାନୁମାନ ଅନୁସାରେ, ଅକ୍ଟୋବର ୨୮ ତାରିଖ ପୂର୍ବାହ୍ନରେ ବାତ୍ୟାଟି ବାପଟଲା ଓ ବିଶାଖାପାଟଣା ମଧ୍ୟରେ, ୟାନମ୍ ନିକଟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିପାରେ। ସେହି ସମୟରେ ପବନର ବେଗ ଘଟାଂପ୍ରତି ୧୧୫ରୁ ୧୨୫ କିଲୋମିଟର ରହିବା ସହ ଝଟକା ପବନର ବେଗ ୧୪୦ କିଲୋମିଟର ପର୍ଯ୍ୟନ୍ତ ପହଂଚିପାରେ ।

## 'ଅର୍ଣ୍ଣବ' ପାଇଁ ୨ ଦିନ ଘୁଂଚିଲା ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା

କଟକ,୨୭/୧୦(ନି/ପ୍ର): ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)ର ମୁଖ୍ୟ ଲିଖିତ ପରୀକ୍ଷା ଦୁଇଦିନ ଘୁଚାଂଇ ଦିଆଯାଇଛି। ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ଆସନ୍ତା ୨୯ ତାରିଖ ବଦଳରେ ୩୧ ତାରିଖରୁ ଏହି ପରୀକ୍ଷା ଆରମ୍ଭ କରାଯିବାକୁ ନିଷ୍ପତି ହୋଇଛି। ଏନେଇ ସଂଶୋଧିତ ପରୀକ୍ଷା ସୂଚୀ ସୋମବାର ପ୍ରକାଶ ପାଇଛି। ତେବେ ଏହି ସୂଚୀକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ନଭେମ୍ବର ୪ ଓ ୫ ତାରିଖ ଲଗାତାର ଦୁଇ ବିଷୟରେ ପରୀକ୍ଷା ଥିବାବେଳେ ଗୋଟିଏ ଦିନ ବ୍ୟବଧାନ ରଖାଯାଇନାହିଁଁ। ସେହିଭଳି ପୂର୍ବ ସୂଚୀରେ ଇଚ୍ଛାଧୀନ ବିଷୟରେ ପରୀକ୍ଷା ନିମନ୍ତେ ଦୁଇ ଦିନର ବ୍ୟବଧାନ ରଖାଯାଇଥିଲା; ମାତ୍ର ସଂଶୋଧିତ ସୂଚୀରେ ଗୋଟିଏ ଦିନ ବ୍ୟବଧାନ ରହିଛି। ଯାହାଦ୍ୱାରା ପରୀକ୍ଷାର୍ଥୀ ପ୍ରସ୍ତୁତି ନିମନ୍ତେ ପର୍ଯ୍ୟାପ୍ତ ସମୟ ପାଇବାରୁ ବଂଚିତ ହୋଇଛନ୍ତି। ଓପିଏସ୍‌ସି ପକ୍ଷରୁ ଜୁନ୍ ୭ରେ ଓସିଏସ ପ୍ରିଲିମ୍‌ନାରୀ ପରୀକ୍ଷା କରାଯାଇଥିଲା। କଟକ, ବାଲେଶ୍ୱର, ଭୁବନେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ ଜୟପୁର ଜୋନର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଆଶାୟୀ ପରୀକ୍ଷା ଦେଇଥିଲେ। ଜୁଲାଇ ୧୦ ତାରିଖରେ ଏହି ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ଏଥିରେ ୫୬୯୦ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ତନ୍ମଧ୍ୟରୁ ୧୯୦୫ ମହିଳା ପ୍ରାର୍ଥୀ ରହିଥିଲେ। ତେବେ ବ୍ରହ୍ମପୁର ଓ ଜୟପୁର ଜୋନରେ 'ଅର୍ଣ୍ଣବ'ର ପ୍ରଭାବ ଥିବାରୁ ଆସନ୍ତା ୩୧ ତାରିଖରୁ ମୁଖ୍ୟ ଲିଖିତ ପରୀକ୍ଷା କରାଯିବ। ସଂଶୋଧିତ ସୂଚୀ ଅନୁଯାୟୀ, ପ୍ରଥମ ଦିନରେ ଓଡ଼ିଆ ଓ ଇଂରାଜୀ ବିଷୟରେ ପରୀକ୍ଷା ଅନୁଷ୍ଠିତ ହେବ। ସେହିଭଳି ନଭେମ୍ବର ୨ରେ ଜେନେରାଲ ଷ୍ଟଡିଜ୍ ପେପର- ୧, ୨ ଓ ୩, ୪ ତାରିଖରେ ଜେନେରାଲ ଷ୍ଟଡିଜ୍ ପେପର ୩, ୪ ଓ ୫, ନଭେମ୍ବର ୫ ତାରିଖରେ ରଚନା ଏବଂ ୭ ତାରିଖରେ ବିଭିନ୍ନ ଇଚ୍ଛାଧୀନ ବିଷୟଗୁଡ଼ିକରେ ପରୀକ୍ଷା କରାଯିବ।

## ସାଉଦି ଆରବ ଉପରେ ଆକ୍ରମଣ ଜାରି; ବନ୍ଦ ପାଇଁ ହୁତିଙ୍କୁ ମିଳିଲା ଅଫର



ରିୟାଦ,୨୭/୧୦: ଇରାନ ସମର୍ଥିତ ହୁତି ବିଦ୍ରୋହୀମାନେ ସାଉଦି ଆରବ ଉପରେ ଲଗାତାର ଆକ୍ରମଣ କରୁଛନ୍ତି। ଏହି ଆକ୍ରମଣକୁ ରୋକିବାରେ ସାଉଦି ଆରବର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ପ୍ରଭାବହୀନ ପ୍ରମାଣିତ ହୋଇଛି। ବର୍ତମାନ ଯୁଦ୍ଧକ୍ଷେତ୍ରରେ ସାଉଦି ପଛୁଆ ଥିବା ପରି ମନେ ହେଉଛି। ଇସ୍ରାଏଲୀ ଗଣମାଧ୍ୟମ ଅନୁଯାୟୀ, ଆକ୍ରମଣ ବନ୍ଦ କରିବା ପାଇଁ ସାଉଦି ହୁତିଙ୍କୁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ପ୍ରଦାନ କରିବାକୁ ଏକ ଲୋଭନୀୟ ଅଫର୍ ଦେଇଛି। ଇସ୍ରାଏଲୀ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ସାଉଦି ଆରବ ହାଉଥିମାନଙ୍କୁ ୧ ବିଲିୟନ ଆମେରିକୀୟ ଡଲାରର ଅଫର୍ ପ୍ରଦାନ କରିଛି। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୯,୫୨୧ କୋଟି ଟଙ୍କା ହେବ। ଏହି ପ୍ରସ୍ତାବ ଇରାନ ମଧ୍ୟସ୍ଥତାରେ ହୋଇଥିବା ଏକ ଚୁକ୍ତିର ଅଂଶ ଯାହାର ଉଦ୍ଦେଶ୍ୟ ହେଉଛି ଅସ୍ତ୍ରବିରତି କାର୍ଯ୍ୟକାରୀ କରିବା ଏବଂ ସାଉଦି ଆରବ ଉପରେ ଆକ୍ରମଣ ବନ୍ଦ କରିବା। ସାଉଦି ପ୍ରତିରକ୍ଷା ମନ୍ତ୍ରୀ ପ୍ରିନ୍ସ ଖାଲିଦ ବିନ୍ ସଲମାନ ହୁତିଙ୍କ ସହିତ ଅସ୍ତ୍ରବିରତି ଆଲୋଚନା ପାଇଁ ତେହେରାନ ଯାତ୍ରା କରିଥିଲେ। ଏହି ପ୍ରସ୍ତାବିତ ଚୁକ୍ତି ଅନୁଯାୟୀ, ଇରାନ ମାଧ୍ୟମରେ ହୁତିମାନଙ୍କୁ ୧ ବିଲିୟନ ଆମେରିକୀୟ ଡଲାର ପ୍ରଦାନ କରାଯିବ। ଏକ କୂଟନୈତିକ ସୂତ୍ର ଦାବି କରିଛି ଯେ, ସାଉଦି ମନ୍ତ୍ରୀ ହର୍କୁଲେସ୍ ସାମରିକ ପରିବହନ ବିମାନରେ ତାଙ୍କ ସହିତ ଟଙ୍କା ନେଇ ତେହେରାନ ଯାଇଥିଲେ। ତେବେ ରିପୋର୍ଟ ଅନୁସାରେ, କୌଣସି ସାଉଦି ଅଧିକାରୀ ଟଙ୍କା ହସ୍ତାନ୍ତର ହୋଇଥିବା ନିଶ୍ଚିତ କରିନାହାନ୍ତି। ତୁର୍କୀ ଗୁଇନ୍ଦା ମୁଖ୍ୟ ଇବ୍ରାହିମ୍ କାଲିନ୍ ଏବଂ ପାକିସ୍ତାନର ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ୍ ଅସୀମ ମୁନିର ଏହି ଆଲୋଚନାରେ ସାମିଲ ହୋଇଥିବା ଜଣାପଡ଼ିଛି। ରାଷ୍ଟ୍ରପତି ମାସୁଦ ପେଜେଶକିୟାନ୍, ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସେକ୍ରେଟାରୀ ଜେନେରାଲ ମୋହସେନ୍ ରେଜାଏଇ ଏବଂ ଇସଲାମିକ୍ ରିଭଲ୍ୟୁସନରୀ ଗାର୍ଡ କର୍ପସର ବରିଷ୍ଠ ଅଧିକାରୀମାନଙ୍କ ସମେତ ଇରାନୀ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ରିପୋର୍ଟ ଅନୁଯାୟୀ,ସାଉଦି ବିମାନବନ୍ଦର ଏବଂ ତୈଳ ଡିପୋ ଉପରେ ବଢୁଥିବା ଆକ୍ରମଣ ମଧ୍ୟରେ ଇରାନ ସାଉଦି ଆରବ ଏବଂ ହୁତିଙ୍କ ମଧ୍ୟରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲା। ଏହି ଆକ୍ରମଣ ଯୋଗୁଁ ସାଉଦି ଆରବର ଯଥେଷ୍ଟ ଆର୍ଥିକ କ୍ଷତି ଘଟିଛି। ହର୍ମୁଜ୍ ପ୍ରଣାଳୀରେ ଟ୍ୟାଙ୍କର ଉପରେ ଇରାନୀ ଆକ୍ରମଣ ମଧ୍ୟ ଉପସାଗରୀୟ ଅଂଚଳରୁ ତୈଳ ରପ୍ତାନିକୁ ବାଧା ଦେଇଛି। ସାଉଦି ବିଦେଶ ମନ୍ତ୍ରଣାଳୟ ଏକ ସରକାରୀ ବିବୃତିରେ ଏହି ଗସ୍ତ ବିଷୟରେ କହିଛି, ପ୍ରତିରକ୍ଷା ମନ୍ତ୍ରୀ ପ୍ରିନ୍ସ ଖାଲିଦ ବିନ୍ ସଲମାନ ଏବଂ ମକ୍କା ମିଳିତ ପ୍ରତିରକ୍ଷା ମେଟଂର ସଦସ୍ୟ ଦେଶଗୁଡ଼ିକର ପ୍ରତିନିଧିଙ୍କ ତେହେରାନ ଗସ୍ତ ହେଉଛି ମେଟଂର ପ୍ରୟାସର ଏକ ଅଂଶ। ଯାହାର ଲକ୍ଷ୍ୟ ହେଉଛି ବର୍ତମାନର ସଙ୍କଟରେ ସାମିଲ ପକ୍ଷମାନଙ୍କ ମଧ୍ୟରେ ଉତେଜନା ହ୍ରାସ କରିବା, ଆଲୋଚନା ଏବଂ କୂଟନୈତିକ ସମାଧାନକୁ ପ୍ରୋତ୍ସାହିତ କରିବା ଏବଂ କତାର ତଥା ପାକିସ୍ତାନ ଦ୍ୱାରା କରାଯାଉଥିବା ମଧ୍ୟସ୍ଥତା ପ୍ରୟାସକୁ ସମର୍ଥନ କରିବା। ଇସ୍ରାଏଲୀ ଗଣମାଧ୍ୟମ ସହିତ କଥାବାର୍ତା ସମୟରେ, ଜଣେ ସାଉଦି ଅଧିକାରୀ ଆର୍ଥିକ କାରବାରର ରିପୋର୍ଟକୁ ନିଶ୍ଚିତ କରିନଥିଲେ ମଧ୍ୟ ହୁତିଙ୍କ ସହିତ ବିବାଦର ଏକ ଅଂଶ ତିନି ବର୍ଷ ପୂର୍ବେ ହୋଇଥିବା ଚୁକ୍ତିନାମା କାର୍ଯ୍ୟକାରୀ କରିବା ସହିତ ଜଡିତ ବୋଲି ସୂଚନା ପ୍ରଦାନ କରିଥିଲେ। ଏହି ଚୁକ୍ତିନାମା ଅନୁଯାୟୀ, ସାଉଦି ଆରବ ହୁତିଙ୍କୁ ପ୍ରତ୍ୟକ୍ଷ ଆର୍ଥିକ ସହାୟତା ପ୍ରଦାନ କରିବାର ଥିଲା ଯାହା ଦ୍ୱାରା ବିବାଦର ସମାଧାନ ପାଇଁ ପ୍ରୟାସ ଆଗକୁ ବଢିବ। ଏହି ପାଣ୍ଠିର ଏକ ଅଂଶ ସରକାରୀ କର୍ମଚାରୀଙ୍କ ଦରମା ପ୍ରଦାନ କରିବା ଏବଂ ହୁତି ନିୟନ୍ତ୍ରିତ ଅଂଚଳରେ ବେସାମରିକ ଭିତିଭୂମି ପୁନଃନିର୍ମାଣ କରିବା ଥିଲା।

## ବାତ୍ୟା ପ୍ରଭାବରେ ଛେଚୁଛି ବର୍ଷା

### ୧୦ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା



ଭୁବନେଶ୍ୱର,୨୭/୧୦(ନି/ପ୍ର): ବାତ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ୧୦ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି । ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ପୁରୀ, ନୟାଗଡ଼, ଖୋର୍ଦ୍ଧା ଓ ଜଗତସିଂହପୁରରେ ସବୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ଅନୁଦାନପ୍ରାପ୍ତ, ବିଦ୍ୟାଳୟ ଆଜି ଅପରାହ୍ନ ୧ଟା ଠାରୁ ଓ ଆସନ୍ତାକାଲି ପର୍ଯ୍ୟନ୍ତ ବନ୍ଦ ରହିବ । ଏନେଇ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ଜିଲ୍ଲାରେ ସମସ୍ତ ବିଦ୍ୟାଳୟର ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବନ୍ଦ ରହିବା ନେଇ ନିର୍ଦ୍ଦେଶ ରହିଛି । ତେବେ ସମସ୍ତ ଶିକ୍ଷକ ଓ କର୍ମଚାରୀ ବିଦ୍ୟାଳୟରେ ଉପସ୍ଥିତ ରହିବେ। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ବିଦ୍ୟାଳୟ କୋଠା ଓ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଗୁଡ଼ିକ ୨୪ ଘଟାଂ ଖୋଲା ରଖିବା ପାଇଁ ରୋଷ୍ଟର ଡ୍ୟୁଟି ପ୍ରଚଳନ ପାଇଁ ପ୍ରଧାନଶିକ୍ଷକ ଏବଂ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ତୁରନ୍ତ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଏଥିସହ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସେହିପରି ଜଗତସିଂହପୁର ଜିଲ୍ଲାରେ ମଧ୍ୟ ୨୭ ଓ ୨୮ ତାରିଖ ଦୁଇ ଦିନ ପାଇଁ ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ । ସମୁଦ୍ରରୁ ସ୍ଥଳଭାଗ ମୁହାଁ ଅତି ଭୀଷଣ ବାତ୍ୟା ଅର୍ଣ୍ଣବ। ୨୦ କିମି ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢୁଛି। ସମୁଦ୍ରରୁ ସ୍ଥଳଭାଗ ମୁହାଁ ଅତି ଭୀଷଣ ବାତ୍ୟା ଅର୍ଣ୍ଣବ। ଗୋପାଳପୁର ଠାରୁ ଦକ୍ଷିଣରେ ୩୭୦ କିମି ଦୂରରେ ଆସୁଛି ଅର୍ଣ୍ଣବ। କାଲି ପୂର୍ବାହ୍ନରେ ବାପଟଲା ଓ ବିଶାଖାପାଟଣା ମଧ୍ୟରେ ଲ୍ୟାଣ୍ଡଫଲ୍ କରିବ। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଅଶାନ୍ତ ହେଉଛି ସମୁଦ୍ର। ତେଣୁ ୨୮ ଓ ୨୯ ତାରିଖ ଦିନ ସମୁଦ୍ର ଭିତରକୁ ପ୍ରବେଶ ନ କରିବାକୁ ମତ୍ସ୍ୟଜୀବୀଙ୍କୁ ନିର୍ଦ୍ଦେଶ ଦେଲେ ଆଇଏମ୍‌ଡି ଡିଜି।

### ଗୌହାଟୀ ହୋଟେଲରେ ଗୁଳିମାଡ଼ରେ ୫ ମୃତ

ଗୌହାଟୀ,୨୭/୧୦: ଆସାମର ଗୌହାଟୀ ସହରର ବୋରା ସର୍ଭିସ୍ ଅଂଚଳରେ ଥିବା ଏକ ହୋଟେଲରେ ଘଟିଛି ଭୟଙ୍କର ଗୁଳିକାଣ୍ଡ । ଅଜ୍ଞାତ ଆତତାୟୀଙ୍କ ଆଖିବୁଜା ଗୁଳିମାଡ଼ରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି । ଏହି ଘଟଣାରେ ହୋଟେଲର କିଛି କର୍ମଚାରୀ ଆହତ ହୋଇଛନ୍ତି ।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com



# କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# କେନ୍ଦୁଝରରେ ଗଜଲକ୍ଷ୍ମୀ ପୂଜାର ମାହୋଲ



କେନ୍ଦୁଝର,୨୭/୧୦(ନି/ପ୍ର):ଗଜଲକ୍ଷ୍ମୀ ପୂଜା ଏବଂ କୁମାରପୂର୍ଣ୍ଣିମା ପାଇଁ କେନ୍ଦୁଝର ଜିଲ୍ଲା ଚଳଚଂଚଳ ହୋଇଛି। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ପୂଜା ଆସର, ମେଳାର ମହକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜମୁଛି। ଉତ୍ସବମୟ ପରିବେଶ ସାଙ୍ଗକୁ ଲୋକଙ୍କ ମନରେ ଆନନ୍ଦ ଓ ଉଲ୍ଲାସ ପ୍ରକାଶ ପାଇଛି। ଭବ୍ୟ ତୋରଣ, ରଙ୍ଗୀନ ଆଲୋକସଜ୍ଜା, ମୀନାବଜାର, ଅପେରା, ଭଜନସନ୍ଧ୍ୟା ଓ ନୃତ୍ୟ ପ୍ରତିଯୋଗିତା ଉତ୍ସବର ଆକର୍ଷଣ ବଢ଼ାଇଥିବାବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜା ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବାବେଳେ ସନ୍ଧ୍ୟା ଆଳତି ସମୟରେ ଉତ୍ସବମୟ ପରିବେଶ ସୃଷ୍ଟି ହେଉଛି। ପୂଜା କମିଟିଗୁଡ଼ିକ ପକ୍ଷରୁ ଉତ୍ସବ ନିମନ୍ତେ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଧାର୍ମିକ ଓ ସାମାଜିକ କାର୍ଯ୍ୟ କରାଯାଉଛି। ଅନେକ ସ୍ଥାନରେ ଏକ ସପ୍ତାହ ଧରି ପୂଜା ଓ ମେଳା ଚାଲିବାକୁ ଥିବାରୁ ଉତ୍ସବର ମାହୋଲରେ କେନ୍ଦୁଝର ସହରର କାଶୀପୁର, ମାଧପୁର ମହାଲକ୍ଷ୍ମୀ ସାଂସ୍କୃତିକ କେନ୍ଦ୍ର, ସାର୍ବଜନୀନ ମହାଲକ୍ଷ୍ମୀ ପୂଜା କମିଟି ନ୍ୟୁସାହି, ପୁରୁଣାବଜାର, ବଣିଆପାଟ 'ମା' ଲକ୍ଷ୍ମୀପୂଜା କମିଟି, କମାରଗୋଡ଼ା, ବାଁପାର, ବଡ଼ହଳ, ଧୋବାଡ଼ିହା, ତେଲିମାର୍କେଟ', ପବିତ୍ରଡିହି, ନେତାଜୀ ଯୁବକ ସଂଘ, ଶିବନାରାୟଣପୁର ସାହି, ବୁଲାଦ୍ୱାରସାହି, ଲକ୍ଷ୍ମୀନାରାୟଣପୁର ସାହି, ଆଟୋପୁର, ରଙ୍ଗାପାଟସାହି, ଓ ବୈଦ୍ୟରାଜସାହି ଆଦି ଅଂଚଳ ଓ କମିଟି ପକ୍ଷରୁ ପୂଜା ଅନୁଷ୍ଠିତ ହେଉଛି। ରାଜମୁଣ୍ଡା, ପଦ୍ମପୁର, ପଳାଶପଙ୍ଗା, ନିକଟସ୍ଥ ମୁରୁମୁରୀ, ତୁରୁମୁଙ୍ଗା , ପାଟଣା, ତଲୁଆ ଓ ଯୋଡ଼ା ମଧ୍ୟ ଉତ୍ସବମୁଖର ହୋଇଛି। ସନ୍ଧ୍ୟା ହେବାମାତ୍ରେ ପୂଜା ମଣ୍ଡପଗୁଡ଼ିକ ରଙ୍ଗୀନ ଆଲୋକରେ ଝଲସି ଉଠୁଛି। ମୀନାବଜାର ବୁଲି ଲୋକମାନେ ବିଭିନ୍ନ ଘରକରଣା ସାମଗ୍ରୀ, ଖେଳନା ଓ ଭଳିକି ଭଳି ଖାଦ୍ୟ କିଣୁଛନ୍ତି। ବିଭିନ୍ନ ସ୍ଥାନରେ ଅପେରା, ଭଜନସନ୍ଧ୍ୟା, ସାଂସ୍କୃତିକ ସଭା, ନୃତ୍ୟ ପ୍ରତିଯୋଗିତା ଲୋକଙ୍କ ମନ ମୋହୁଛି। ସ୍ଥାନୀୟ କଳାକାର ଓ ଯୁବପିଢ଼ିଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ବିଭିନ୍ନ ମଂଚ ସୁଯୋଗ ଦେଉଛି। ସମସ୍ତ ପୂଜା କମିଟି ପକ୍ଷରୁ ପାରମ୍ପରିକ କଳସ ଶୋଭାଯାତ୍ରା କରାଯାଇଛି। ରାଇସୁଆଁ ରେ କଳସ ଶୋଭାଯାତ୍ରା ପୂଜା ମାହୋଲକୁ ଅଧିକ ଭକ୍ତିମୟ କରିଛି। ମେଳା ସ୍ଥାନୀୟ ଅଂଚଳର ବ୍ୟବସାୟୀଙ୍କ କାରବାର ବଢ଼ାଇ ଦେଇଛି। ଘରେ ଘରେ ଦୁଲ୍କି ଚଢ଼ୋ ମୂଳରେ କୁମାରପୂର୍ଣ୍ଣିମା ପାଳନ ହୋଇଛି। କୁମାରୀମାନେ ଖଇ, ଛେନା, ଦହି, ଖଜୁରି ଆଦି ପୂଜା ସାମଗ୍ରୀରେ ଚାନ୍ଦ ତିଆରି କରି ଚନ୍ଦ୍ରଦେବଙ୍କୁ ଆରାଧନା କରିଛନ୍ତି। ସନ୍ଧ୍ୟାରେ ଚନ୍ଦ୍ରଦର୍ଶନ ପରେ କୁମାରୀମାନେ ବଢ଼ାପନା କରିଥିଲେ। ପୋଖରୀରୁ ବାଲି ଓ ଗେଣ୍ଡା ଆଣି ଘର ଉପରକୁ ପିଙ୍ଗିବା ସହ ଭାଇ ମାନଙ୍କ ନିରାମୟ ଜୀବନ କାମନା କରିଛନ୍ତି। ପୂଜାମଣ୍ଡପରେ ଶୃଙ୍ଖଳା ରକ୍ଷାପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭିଡ଼ ନିୟନ୍ତ୍ରଣ, ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉଛି।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ମୁଖୀଗୁଡା,୨୭/୧୦(ନି/ପ୍ର): ଦୁଇଟି ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ। ଆହତ ମହିଳା ହେଉଛନ୍ତି ଜୟପାଟଣା ଥାନା ଅନ୍ତର୍ଗତ ତୁଟିଗୁଡ଼ା ଗାଁର ରେମତି ପୂଝାରୀ(୪୨)।ସୂଚନା ଅନୁଯାୟୀ, ଗତକାଲି ସେ ଗାଁ ନିକଟସ୍ଥ କେନାଲ ପାଖରେ ଛେଳି ଚରାଉଥିବା ସମୟରେ ଏକ ଆମ୍ବ ଗଛ ମୂଳରେ ବସିଥିଲେ।ଏହି ସମୟରେ ପଛପଟୁ ଦୁଇଟି ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି।ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜୟପାଟଣା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଛି।

## ମାଫିଆ ନଜରବନ୍ଦୀ କରୁଥିଲେ : ପିକଅପରେ ଯାଇ ଚଢ଼ାଉ କଲେ ଖଣି ଅଧିକାରୀ



ସୋର,୨୭/୧୦(ନି/ପ୍ର): ପଥର ମାଫିଆମାନେ ମାସିକିଆ ଦରମାରେ କିଛି ଲୋକଙ୍କୁ ନିଯୁକ୍ତି ଦେଇ ପ୍ରତି ଛକରେ ସେମାନଙ୍କୁ ଜଗାଉଛନ୍ତି। ଅଧିକାରୀମାନଙ୍କ ଗତିବିଧି ଉପରେ ଲକ୍ଷ ରଖିବା ସହିତ ସମସ୍ତ ତଥ୍ୟ ହ୍ୱାଟ୍ସଆପ ଗ୍ରୁପରେ ସେୟାର ହେଉଛି। ଫଳରେ ଚଢ଼ାଉ ହେବା ପୂର୍ବରୁ ମାଫିଆମାନେ ସତର୍କ ହେଉଛନ୍ତି। ଏପରି ସ୍ଥଳେ ଗତକାଲି ମାଫିଆମାନଙ୍କ ଠାରୁ ଦୁଇପାଦ ଆଗରେ ରହି ଖଣି ବିଭାଗ ପକ୍ଷରୁ ଗାଡି ବଦଳାଇ ଚଢ଼ାଉ କରାଯାଇଛି। ପ୍ରତିଦିନ ଆସୁଥିବା ଗାଡ଼ିରେ ନଆସି ଏକ ପିକଅପ ଭ୍ୟାନରେ ଖଣି ଅଧିକାରୀ ଜଗନ ବେହେରା ଓ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ଆସି ଅଚାନକ ବାଗୁଡି ପଥର ଖାଦାନରେ ଚଢ଼ାଉ କରିଥିଲେ। ଏହି ସମୟରେ ବାଗୁଡି ପଥର ଖାଦାନରୁ ପଥର ବୋଝେଇ କରି ଯାଉଥିବା (ଓଡ଼ି ୦୧ କିୟୁ ୯୩୪୮, ଓଡ଼ି ୦୧ ଏକ୍ସ ୬୨୯୨,ଓଡ଼ି ୦୧ ଏନ ୫୮୭୯ ଓ ଓଡ଼ି ୦୧ ଡବ୍ଲୁ ୫୮୭୯) ନମ୍ବର ବିଶିଷ୍ଟ ଚାରୋଟି ପଥର ବୋଝେଇ ଡ଼ମ୍ଫରକୁ ଜବତ କରି ସୋର ପୁଲିସକୁ ହସ୍ତାନ୍ତର କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ମାଫିଆମାନେ ହ୍ୱାଟ୍ସଆପ ଗ୍ରୁପରେ ସକ୍ରିୟ ହୋଇ କିଛି ସମୟ ପାଇଁ ପଥର ଲୁଟ ବନ୍ଦ କରିଥିବା ଜଣାପଡ଼ିଛି।

## ଖୋର୍ଦ୍ଧାରେ ଆରବିଆଇ ଡାଟା ସେଂଟରର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଖୋର୍ଦ୍ଧା, ୨୭/୧୦(ନି/ପ୍ର): ଜଟଣୀ ଇନଫୋଭାଲି-୨ରେ ଆରବିଆଇ ଡାଟା ସେଂଟରର ଉଦ୍ଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ଉଦଘାଟନ ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ସମେତ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ଦୁଇ ଉପମୁଖ୍ୟମନ୍ତ୍ରୀ ସାମିଲ ଥିଲେ । ତେବେ ଆରବିଆଇ ଡାଟା ସେଂଟର ଉଦ୍ଘାଟନ ପରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଭୁବନେଶ୍ୱରରେ ନୂଆ ସଂସ୍ଥା ଖୋଲିଲା । ଆଜିର ଦିନଟି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ। ନୂଆ ଭାରତ ନିର୍ମାଣରେ ନୂଆ ଅବଦାନ ଭେଟି ଦେଲା । ଦେଶର ବିକାଶରେ ଛୋଟ ସହରର ବଡ଼ ଭୂମିକା ରହିବା ଆବଶ୍ୟକ । ଏହି ସଂସ୍ଥା ଆଜି ଠାରୁ ଓଡ଼ିଶାର ଓ ଦେଶର ବିକାଶ ପାଇଁ କାର୍ଯ୍ୟ କରିବ । ଏପରିକି ଆମ ପାଇଁ ବିକାଶ ଗୁରୁତ୍ୱପୂର୍ଣ୍ଣ। ସହର ଠାରୁ ଦୂରରେ ରହୁଥିବା ଲୋକଙ୍କ ପାଖରେ ପହଂଚିବା ଆମର ଲକ୍ଷ୍ୟ । ଗରିବଙ୍କ ନାଁ ନେଇ ଦୀର୍ଘ ସମୟ ଧରି ପ୍ରଚାର ଚାଲିଲା । ୬୦/୭୦ ଦଶକରେ ଗରିବଙ୍କ ନାଁ ନେଇ ବ୍ୟାଙ୍କ ଜାତୀୟକରଣ ହେଲା । ମାତ୍ର ୨୦୧୪ ପର୍ଯ୍ୟନ୍ତ ଗରୀବ ଲୋକେ ପ୍ରକୃତ ସେବାରୁ ବଂଚିତ ଥିଲେ । ଗରୀବଙ୍କୁ ବ୍ୟାଙ୍କ ଖାତା ଖୋଲିବା ପାଇଁ ଗ୍ୟାରେଂଟର ଦରକାର ପଡୁଥିଲା । ହେଲେ ଏବେ ଡିଜିଟାଲ ବ୍ୟାଙ୍କିଂ ଘରେ ଘରେ ପହଂଚିଛି । ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ ପୂର୍ବ କଂଗ୍ରେସ ସରକାରକୁ ଟାର୍ଗେଟ କରିଛନ୍ତି । ଜଣେ ପ୍ରଧାନମନ୍ତ୍ରୀ କହିଥିଲେ ଟଙ୍କାଏ ଦେଲେ ଲୋକେ ୧୫ ପଇସା ପାଉଛନ୍ତି । ମାତ୍ର ଏବେ ଡିବିଟି ଜରିଆରେ ପୁରା ୧ ଟଙ୍କା ଲୋକଙ୍କ ପାଖକୁ ଯାଉଛି । ଆଜି ଅଟଳ ପେନସନ ଜରିଆରେ ଦେଶରେ ୯ କୋଟି ଲୋକ ଉପକୃତ ହେଉଛନ୍ତି । ଅଟଳ ପେନସନ୍ ଯୋଜନାରେ ଓଡ଼ିଶାର ୩୮ ଲକ୍ଷ ଲୋକ ଲାଭ ପାଉଛନ୍ତି । ମାତ୍ର ୨୦ ଟଙ୍କା ପ୍ରିମିୟମରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ମିଳୁଛି । ଆଜିକାଲି ଆଉ ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ କରାଯାଉ ନାହିଁ । କୌଣସି ଦେଶର ଆର୍ଥିକ ମେରୁଦଣ୍ଡ ଉପରେ ଆକ୍ରମଣ ହେଉଛି। ତେଣୁ ବ୍ୟାଙ୍କିଂ ବ୍ୟବସ୍ଥାକୁ ସୁରକ୍ଷିତ କରିବା ଜରୁରୀ ହୋଇପଡ଼ିଛି । ଓଡ଼ିଶାରେ ମାଇଣ୍ଡ୍ସରୁ ମାଇକ୍ରୋ ଚିପ୍ସ ପ୍ରତିଷ୍ଠା ସମ୍ଭବ ହୋଇପାରିଛି । ସେହିପରି ଓଡ଼ିଶାରେ ଡାଟା ସେଂଟର ପ୍ରତିଷ୍ଠା ପାଇଁ ନୂଆ ପୁଞ୍ଜି ଆସିବାକୁ ଯାଉଛି । ଓଡ଼ିଶାର ଯୁବ ପିଢ଼ିଙ୍କ ପାଇଁ ଆଗକୁ ନୂଆ ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜୟପୁର ମୁଖ୍ୟ ଡାକଘର ସ୍ଥାନାନ୍ତର ପ୍ରସ୍ତାବକୁ ନାଗରିକ କମିଟିର ବିରୋଧ

ଜୟପୁର,୨୭/୧୦(ନି/ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲା ର ବାଣିଜ୍ୟକ ଓ ବ୍ୟବସାୟିକ ପ୍ରାଣକେନ୍ଦ୍ର ଜୟପୁର ସହରରୁ ବହୁ ପୁରାତନ ମୁଖ୍ୟ ଡାକଘର ଓ ଡାକ ଡିଭିଜନାଲ୍ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଡାକ ବିଭାଗ ପକ୍ଷରୁ ଚାଲିଥିବା ପ୍ରକ୍ରିୟାକୁ ନାଗରିକ କମିଟି ବିରୋଧ କରିଛି । ଜୟପୁର ଠାରେ ନାଗରିକ କମିଟି ଏକ ସାମ୍ବାଦିକ ସମ୍ମିଳନୀ କରି ଉଦବେଗ ପ୍ରକାଶ କରିଛନ୍ତି ସଭାପତି ବିନୋଦିନୀ ସାନ୍ତ୍ରାପତ୍ର ପ୍ରଶାସନିକ ସୁବିଧା ପାଇଁ ନୂତନ ନବରଙ୍ଗପୁର ଡାକ ଡିଭିଜନ ଗଠନକୁ ସ୍ୱାଗତ କରାଯାଉଥିଲେ ହେଁ, ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରମୁଖ ସହର ଜୟପୁରରୁ ପୁରୁଣା ଓ ପ୍ରତିଷ୍ଠିତ ଡାକ ସେବା କେନ୍ଦ୍ରଗୁଡ଼ିକୁ ଛଡ଼ାଇ ନେବା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଏବଂ ସହରର ଗୌରବ ଉପରେ ଚରମ ଆଘାତ ବୋଲି 'ଜୟପୁର ନାଗରିକ କମିଟି' ଅଭିଯୋଗ କରିଛି। ଏହି ନିଷ୍ପତ୍ତିର ତୁରନ୍ତ ପୁନର୍ବିଚାର ପାଇଁ ନୂଆଦିଲ୍ଲୀସ୍ଥିତ ଭାରତୀୟ ଡାକ ବିଭାଗର ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଡାକ ସର୍କଲ ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୧ ତାରିଖରୁ ନୂଆ ନବରଙ୍ଗପୁର ଡାକ ଡିଭିଜନ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ଯୋଜନା ଅନୁଯାୟୀ, ବର୍ତ୍ତମାନ କୋରାପୁଟ ଡିଭିଜନ ଅଧୀନରେ ଥିବା ଜୟପୁର ମୁଖ୍ୟ ଡାକଘରକୁ ନବରଙ୍ଗପୁର ଡିଭିଜନ ଅଧୀନକୁ ନିଆଯିବା ସହ ଜୟପୁରରେ ଥିବା କୋରାପୁଟ ପୋଷ୍ଟାଲ୍ ଡିଭିଜନାଲ୍ ଅଫିସକୁ କୋରାପୁଟକୁ ସ୍ଥାନାନ୍ତର କରାଯିବ। ଏହା ବ୍ୟତୀତ ଜୟପୁର ପୌରାଂଚଳର ଶ୍ରୀରାମ ନଗର, ବି.ଡି. ପୁର ଏବଂ ସିଭିଲ୍ କୋର୍ଟ ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ଉପ-ଡାକଘରକୁ ମଧ୍ୟ ନବରଙ୍ଗପୁର ଡିଭିଜନ ଅଧୀନରେ ସାମିଲ କରାଯିବାକୁ ପ୍ରସ୍ତାବ ରହିଛି। ଏହା ଦ୍ୱାରା ସହର ତଥା ଗ୍ରାମାଂଚଳର ବରିଷ୍ଠ ନାଗରିକ, ପେନସନଭୋଗୀ, ବ୍ୟବସାୟୀ ଏବଂ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେବେ ବୋଲି କମିଟି ଅଭିଯୋଗ କରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଜୟପୁର ସହର କ୍ରମାଗତ ଭାବେ ନିଜର ଗାରିମା ଓ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ହରାଇବାକୁ ବସିଛି। ପୂର୍ବରୁ ଜୟପୁର ଆକାଶବାଣୀ କେନ୍ଦ୍ରର ମର୍ଯ୍ୟାଦା ହ୍ରାସ କରାଯାଇଛି ଏବଂ ଅନେକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରି ସହରର ଗୁରୁତ୍ୱକୁ କ୍ଷୁଣ୍ଣ କରାଯାଉଛି। ରେଳଷ୍ଟେସନରେ ଥିବା ଆର୍ଏମ୍ଏସ୍ ସେବାକୁ ସହର ଭିତରକୁ ଆଣିବା, ଟାଉନ୍ ବସ୍ ଚଳାଚଳ ତଥା ମ୍ୟୁନିସିପାଲିଟି ଅଧୀନରେ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟାଳୟ ଫେରାଇ ଆଣିବା ଭଳି ଜନହିତକର ଦାବି ପ୍ରତି ପ୍ରଶାସନ କର୍ଣ୍ଣପାତ କରୁନାହିଁ ବୋଲି ଅଭିଯୋଗ କରିଛି କ୍ଷଡାକ ବିଭାଗ ନିକଟରେ ଉପସ୍ଥାପିତ ମୁଖ୍ୟ ୩ଟି ଦାବି ଅନୁଯାୟୀ, ଜୟପୁର ମୁଖ୍ୟ ଡାକଘରକୁ ନବରଙ୍ଗପୁର ଡିଭିଜନରେ ସାମିଲ ନକରି ପୂର୍ବଭଳି ଜୟପୁରରେ ହିଁ କୋରାପୁଟ ଡିଭିଜନ ଅଧୀନରେ ରଖାଯାଉ। ଜୟପୁରରେ କାର୍ଯ୍ୟରତ ଡାକ ଡିଭିଜନାଲ୍ କାର୍ଯ୍ୟାଳୟକୁ କୋରାପୁଟ ସ୍ଥାନାନ୍ତର ନକରି ଜୟପୁରରେ ହିଁ ଅକ୍ଷୁଣ୍ଣ ରଖାଯାଉ। ଜୟପୁର ସହରର ତିନୋଟି ଯାକ ଉପ-ଡାକଘର ଶ୍ରୀରାମ ନଗର, ବି.ଡି. ପୁର ଓ ସିଭିଲ୍ କୋର୍ଟ କେବଳ କୋରାପୁଟ ଡିଭିଜନ ଅଧୀନରେ କାର୍ଯ୍ୟ କରିବାକୁ ଦାବି କରାଯାଇଛି । ଏହି ପ୍ରସଙ୍ଗରେ କୋରାପୁଟ ଡିଭିଜନର ବରିଷ୍ଠ ଡାକ ଅଧୀକ୍ଷକଙ୍କୁ ମଧ୍ୟ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି। ଜୟପୁର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗ ଏହି ନିଷ୍ପତ୍ତିର ପୁନର୍ବିଚାର ନକଲେ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ି ତୋଳିବାକୁ କମିଟି ଚେତାବନୀ ଦେଇଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନାଗରିକ କମିଟିର ସଭାନେତ୍ରୀ ବିନୋଦିନୀ ସାନ୍ତ୍ରାପାତ୍ର, ଉପସଭାପତି ଦେବେନ୍ଦ୍ର ବାହିନୀପତି, ସାଧାରଣ ସମ୍ପାଦକ ଜି. ଭେଙ୍କଟ ରେଡ୍ଡୀ, କୋଷାଧ୍ୟକ୍ଷ ରବିନାରାୟଣ ନନ୍ଦ, ସୁବାଷ ଚନ୍ଦ୍ର ପଣ୍ଡା, ନୀଳାଂଚଳ ପ୍ରଧାନ, ଭବାନୀ ଚରଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ହରିଚନ୍ଦନପୁର ଠାରେ ୫୧ତମ ମା ଲକ୍ଷ୍ମୀଙ୍କ ପୂଜା

ହରିଚନ୍ଦନପୁର,୨୭/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଲକ୍ଷ୍ମୀ କମିଟି ପକ୍ଷରୁ ୫୧ ତମ ମା' ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସବୁ ବର୍ଷ ପରି ଏବର୍ଷ ମଧ୍ୟ ମାଙ୍କ ପୂଜା ନିଆରା ଢଙ୍ଗରେ ବଡ଼ ଧୁମ୍ ଧାମର ସହ ରିତିନୀତିରେ ପାଳନ କରାଯାଇଛି। ରବିବାର ସକାଳ ୭ଟା ୩୦ ସମୟରେ ପୂଜା ମଣ୍ଡପ ଠାରୁ ଢ଼ୋଲ ବାଜା, କୀର୍ତ୍ତନ, ଘଂଟ, ଶଙ୍ଖ ବଜାଇ ମୂଷଳ ନଦୀ ନିକଟରେ କଳସ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହ ଏକ ଶୋଭଯାତ୍ରାରେ ମଣ୍ଡପ ପର୍ଯ୍ୟନ୍ତ କଳସ ଆମନ୍ତ୍ରଣ କରାଯାଇଥିଲା। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଅୟୋଜନ କରାଯାଇଛି। ଏହା ସହ ମିନା ବଜାର ଓ ପ୍ରତ୍ୟେକ ଦିନ ମା'ଙ୍କ ପ୍ରସାଦ ସେବନ ଶହ ଶହ ଭକ୍ତମାନଙ୍କ ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ବସନ୍ତ କୁମାର ପୃଷ୍ଟି, କାର୍ଯ୍ୟକାରୀ ସଭାପତି କ୍ଷୀରୋଦ ଚନ୍ଦ୍ର ସାହୁ, ଉପସଭାପତି ଛଦିପ୍ କୁମାର ବ୍ରହ୍ମ, ସମ୍ପାଦକ ପ୍ରଦୋଷ କୁମାର ଜେନା, କୋଷାଧ୍ୟକ୍ଷ ସତ୍ୟାନନ୍ଦ ସାହୁ, ନିରଞ୍ଜନ ସାହୁ, ବରିଷ୍ଠ ସଦସ୍ୟ ଟଙ୍କଧର ବିଶ୍ୱାଳ, ସୁରଥ ଚନ୍ଦ୍ର ସାହୁ, କର୍ତ୍ତା ଦିବ୍ୟଜ୍ୟୋତି ସାହୁ, ମୋନାଲିସା ସାହୁ, ପୂଜକ ଧନୁର୍ଜୟ ପତି, ସାଗର ବିଶ୍ୱାଳ, କ୍ରିଷ୍ଣା ସାହୁ ପ୍ରମୁଖ କଳସ ଯାତ୍ରାରେ ସାମିଲ ହୋଇଥିଲେ।



## 'ସାଧୁତାରୁ ସମୃଦ୍ଧି'ର ବାର୍ତ୍ତା ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କ ଶପଥ ପାଠ



ଛତ୍ରପୁର,୨୭/୧୦(ନି/ପ୍ର): ଦୁର୍ନୀତିମୁକ୍ତ ସମାଜ ଗଠନ ସହ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ସାଧୁତାଓ ଉତ୍ତରଦାୟିତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାରେ ଆରମ୍ଭ ହୋଇଛି ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୬। ଅକ୍ଟୋବର ୨୬ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ଏହି ସପ୍ତାହର ବିଷୟବସ୍ତୁ ହେଉଛି 'ସାଧୁତାରୁ ସମୃଦ୍ଧି'। ଏହି ଅବସରରେ ଆଜି ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦନ୍ତ ପଣ୍ଡା ଅଧିକାରୀ ଓ କର୍ମଚାରୀମାନଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଜିଲ୍ଲାର ଅନ୍ୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ମଧ୍ୟ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଦୁର୍ନୀତି ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଏକ ପ୍ରମୁଖ ପ୍ରତିବନ୍ଧକ ହୋଇଥିବାରୁ ଏହାର ନିରାକରଣ ପାଇଁ ପ୍ରତ୍ୟେକ ନାଗରିକଙ୍କ ସଚେତନତା ଓ ସହଯୋଗ ଜରୁରୀ। ଶପଥ ପାଠ ଅବସରରେ ଲାଂଚ ନ ଦେବା ଓ ନ ନେବା, ନିଜ କର୍ତ୍ତବ୍ୟ ସମ୍ପାଦନରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବା ପାଇଁ ଅଧିକାରୀ ଓ କର୍ମଚାରୀମାନେ ସଂକଳ୍ପ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଡ. ଅରୁଣ କୁମାର ଖଣ୍ଡା, କସ୍ତୁରୀ ସ୍ୱାଇଁ, ସୁଚିସ୍ମିତା ପାଣି, ଲଳିତ ଦେବୀଦାନ, ଶିକ୍ଷିତା ଗୌଡ଼, ସହକାରୀ କଲେକ୍ଟର ଅଦିତି ଆଚାର୍ଯ୍ୟ, ତାପସ କୁମାର ସାମଲ, ସୁଦାମ ସ୍ୱାଇଁଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ଶୋଭାଯାତ୍ରା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନପ୍ରତିଯୋଗିତା ଓ ଆଲୋଚନାଚକ୍ର ଆୟୋଜନ କରାଯିବ। ।ଦୁର୍ନୀତି ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଏକ ପ୍ରମୁଖ ପ୍ରତିବନ୍ଧକ ହୋଇଥିବାରୁ ଏହାର ନିରାକରଣ ପାଇଁ ପ୍ରତ୍ୟେକ ନାଗରିକଙ୍କ ସଚେତନତା ଓ ସହଯୋଗ ଜରୁରୀ।

## ଭୋଟ୍ ବଂଚାଅ–ଦେଶ ବଂଚାଅ

### ଅଭିଯାନରେ ଜିଲ୍ଲା କଂଗ୍ରେସର ପ୍ରେସ୍‌ମିଟ୍ ଓ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

କେନ୍ଦ୍ରାପଡ଼ା,୨୭/୧୦(ନି/ପ୍ର): ଅଖିଳ ଭାରତ କଂଗ୍ରେସ କମିଟିର ଆହ୍ୱାନ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ଭବନ ଠାରେ 'ଭୋଟ୍ ବଂଚାଅ–ଦେଶ ବଂଚାଅ ଅଭିଯାନକୁ ସଫଳ କରିବା ଉଦ୍ଦେଶ୍ୟରେ ଏକ ପ୍ରେସ୍‌ମିଟ୍ ଏବଂ ପରବର୍ତ୍ତୀ ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କଂଗ୍ରେସର ସାଂଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲଙ୍କ ସଭାପତିତ୍ୱରେ ଏହି ବୈଠକ ଆୟୋଜିତ ହୋଇଥିଲା। ଉକ୍ତ ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ସି.ପି. ମିତଲ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ସଂଗଠନ ପ୍ରଭାରୀ ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ଯୋଗଦେଇଥିଲେ। ବୈଠକରେ ଭୋଟ୍ ଚୋରି ଅଭିଯୋଗକୁ ନେଇ ନିର୍ବାଚନ କମିଶନଙ୍କ ଭୂମିକା ଉପରେ ଆଲୋଚନା କରାଯିବା ସହ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଥିଲା। ଏଥିସହ ଆସନ୍ତା ନଭେମ୍ବର ମାସରେ ଦିଲ୍ଲୀର ରାମଲୀଳା ମୈଦାନ ଠାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଆହ୍ୱାନ କ୍ରମେ ହେବାକୁ ଥିବା ପ୍ରତିବାଦ ସଭାରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ବହୁ ସଂଖ୍ୟାରେ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେବା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ଚିନ୍ମୟ ବେହେରା, ପୂର୍ବତନ ବିଧାୟିକା ଡଃ ଶିପ୍ରା ମଲ୍ଲିକ, ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦାସ, ହଳଧର ସେଠୀ, ରତିକାନ୍ତ କାନୁନ୍‌ଗୋ, ସମ୍ପାଦକ ଜାହିର ମହମ୍ମଦ, ଅଦିତି ଦିବ୍ୟା ରାୟ, ପିସିସି ଉପଦେଷ୍ଟା ସଦସ୍ୟ ଚିନ୍ମୟ ସୁନ୍ଦର ଦାସ, ବରିଷ୍ଠ ନେତା ଫକୀର ଖଟୁଆ, ପ୍ରଦୀପ କୁମାର ମହାନ୍ତି ଓ ଆକବର ଅଲ୍ଲୀ, ବ୍ଲକ୍ ସଭାପତି ରାଜୀବ ଲୋଚନ ମିଶ୍ର, ଜ୍ୟୋତିରଞ୍ଜନ ପରିଡ଼ା, ହରିଶ ପଟ୍ଟନାୟକ, ଶିତାଂଶୁ ଲେଙ୍କା, ନଗର କଂଗ୍ରେସ ସଭାପତି ଦିଲୀପ ପ୍ରଧାନ ଓ ତପନ ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ବେହେରା ଓ ରମାକାନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ଭାଗୀରଥୀ ଜେନା, ସମ୍ପାଦକ ଅଶ୍ୱିନୀ ପାତ୍ର, ପ୍ରବାସ ଦାଶ, ପ୍ରମୋଦ ସ୍ୱାଇଁ, ଗୌରାଙ୍ଗ ଜେନା, ବେଣୁଧର ସାହୁ ଓ ହିମାଂଶୁ ନନ୍ଦଙ୍କ ସମେତ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସମ୍ଭାବ୍ୟ ବାତ୍ୟାକୁ ନେଇ ପୂଜା ପାଇଁ ଅନୁମତି

କେନ୍ଦ୍ରାପଡ଼ା, ୨୭/୧୦(ନି/ପ୍ର): କେନ୍ଦ୍ରାପଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବିଭିନ୍ନ ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ପ୍ରଦାନ କରାଯାଇଥାଏ। କିନ୍ତୁ ସମ୍ଭାବ୍ୟ ବାତ୍ୟା ପାଇଁ ଦୁଇଦିନ ଅସ୍ଥାୟୀ ଭାବେ ଏହି ଅନୁମତି ବନ୍ଦ ରଖାଯାଇଛି। ଜିଲ୍ଲାର ବିଭିନ୍ନ ଅଂଚଳରୁ ଗଜଲକ୍ଷ୍ମୀ ପୂଜା ପାଳନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ୟବସାୟ ଅନୁଷ୍ଠାନର ପ୍ରଚାର ପ୍ରସାର ପାଇ ଁଡାକବାଜି ଯନ୍ତ୍ର(ଲାଉଡ୍‌ସ୍ପିକର୍) ଅନୁମତି ନିଆଯାଇଥାଏ। ବାତ୍ୟା ପାଇଁ ଏହି ଅନୁମତି ଦୁଇଦିନ ବନ୍ଦ ରଖାଯାଇଥିବା ସୂଚନା ମିଳିଛି।

# ବିବିଧା

## ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ଭଲ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ମନୋରଞ୍ଜନରେ ସମୟ ଅତିବାହିତ ହେବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ।

ବୃଷ: କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

ମିଥୁନ: ସଫଳତା ପାଇଁ କଠିନ ପରିଶ୍ରମ କରିବେ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ।

କର୍କଟ: ନୂତନ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବେ। ପରିବାର ଲୋକଙ୍କ ମଧ୍ୟରେ ସମୟ ଅତିବାହିତ କରିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ତରବରିଆ ଭାବେ ନିବେଶ କରନ୍ତୁ ନାହିଁ।

ସିଂହ: ଦୁଃଖ ତଥା ଚିନ୍ତା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ।

କନ୍ୟା: ନିଜ ପାଇଁ ସମୟ ବାହାର କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

ତୁଳା: ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ରଖନ୍ତୁ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

ବିଛା: ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସମାଜ ସେବାରେ ସମୟ ଅତିବାହିତ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିପାରନ୍ତି। ଅଚାନକ ଖୁସି ଖବର ପାଇବେ।

ଧନୁ: ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ।

ମକର: ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

କୁମ୍ଭ: ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

ମୀନ: ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ।

## ଆଜିର ଇତିହାସ

- ୧୬୭୬-ପୋଲାଣ୍ଡ ଓ ତୁର୍କୀ ବାର୍‌ସା ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୨୦-ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍ ନାରାୟଣଙ୍କ ଜନ୍ମ।
- ୧୯୬୮ - ମେକ୍ସିକୋ ସିଟିରେ ୧୯ତମ ଅଲିମ୍ପିକ୍ ଖେଳର ସମାପନ ହେଲା।
- ୨୦୦୩-ଚୀନ୍‌ରେ ଭୂମିକମ୍ପ ଯୋଗୁଁ ୫୦,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ।
- ୨୦୨୧- ଭାରତ ଅଗ୍ନି ୫ ମିସାଇଲ୍‌ର ସଫଳ ପରୀକ୍ଷା କଲା।

## ଜୁନ୍ ୪ରେ 'ପୁଲିସ କମ୍ପାନି'



ରାମ ଗୋପାଳ ବର୍ମାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ମେଗା କ୍ରାଇମ୍-ଡ୍ରାମା 'ପୁଲିସ୍ କମ୍ପାନି' ଆସନ୍ତା ବର୍ଷ ଜୁନ୍ ୪ରେ ରିଲିଜ୍ ହେବ। ଫିଲ୍ମର କାହାଣୀ ୧୯୯୭ ରୁ ୨୦୦୪ ମସିହା ମଧ୍ୟରେ ମୁମ୍ବାଇରେ ସକ୍ରିୟ ଥିବା ଅଣ୍ଡରୱାର୍ଲ୍ଡର କଳା ସାମ୍ରାଜ୍ୟ ଉପରେ ଆଧାରିତ। ସେହି ସମୟରେ ଦାଉଦ୍ ଇବ୍ରାହିମ୍, ଛୋଟା ରାଜନ, ଏବଂ ଅବୁ ସାଲେମ ଭଳି ଗ୍ୟାଙ୍ଗଷ୍ଟରମାନେ ମୁମ୍ବାଇର ବ୍ୟବସାୟୀ ଏବଂ ବଲିଉଡ୍ କଳାକାରମାନଙ୍କଠାରୁ ଜୋର ଜବରଦସ୍ତ ପଇସା ଆଦାୟ କରୁଥିଲେ ଏବଂ ଦିନ ଦିପହରେ ହତ୍ୟାକାଣ୍ଡ ଘଟାଉଥିଲେ। ଏହାର ପ୍ରତିବାଦରେ ମୁମ୍ବାଇ ପୋଲିସ ନିଜର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଥିଲା, ଯାହାକୁ ପରବର୍ତ୍ତୀ ସମୟରେ 'ଏନକାଉଣ୍ଟର ସ୍କ୍ୱାଡ୍' କୁହାଗଲା। ଅଭିନେତା ହର୍ଷବର୍ଦ୍ଧନ ରାଣେ ଏଥିରେ ଏନକାଉଣ୍ଟର ସ୍ପେଶାଲିଷ୍ଟ ଦୟା ନାୟକଙ୍କ ଭୂମିକାରେ ନଜର ଆସିବେ। ଫରଦିନ୍ ଖାନ୍ ଏଥିରେ ଦୟା ନାୟକଙ୍କ ସହକର୍ମୀ ଭୂମିକାରେ ନଜର ଆସିବେ। ଫାତିମା ସନା ଶେଖ୍, ସୌନ୍ଦର୍ଯ୍ୟା ଶର୍ମା, ପରେଶ ରାୱଲ ଓ ସୌରଭ ଶୁକ୍ଲା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ। ଫିଲ୍ମର ଅଧିକାଂଶ ସୁଟିଂ ମୁମ୍ବାଇରେ କରାଯାଇଛି। 'ପୁଲିସ୍ କମ୍ପାନି'କୁ ଦୁଇଟି ଭାଗରେ ନିର୍ମାଣ କରାଯାଉଛି। ପ୍ରଥମ ଭାଗ ଜୁନ୍ ୪, ୨୦୨୭ରେ ଆସିବାକୁ ଥିବାବେଳେ, ଦ୍ୱିତୀୟ ଭାଗରେ ଏହି ଏନ୍‌କାଉଣ୍ଟର ହିରୋମାନଙ୍କର ପତନ, ରାଜନୈତିକ ଚକ୍ରବ୍ୟୂହ ଏବଂ ସେମାନଙ୍କ ଉପରେ ହୋଇଥିବା ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଦେଖିବାକୁ ମିଳିବ।

## ଗୋମାତାଙ୍କ ପାଇଁ କୋଟିଏ ଟଙ୍କାର ମହଲ

ରାଜସ୍ଥାନ ଜାଲୋର ଜିଲ୍ଲାର ଧାନୋଲ ଗାଁର ବ୍ୟବସାୟୀ ନରେନ୍ଦ୍ର ପୁରୋହିତ ନିଜର ପ୍ରିୟ ଗୋମାତା ‹ରାଧା› ପାଇଁ ୧ କୋଟି ବ୍ୟୟରେ ଏକ ଦୁଇ ମହଲା ବଙ୍ଗଳା ନିର୍ମାଣ କରି ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ୨୦୦ ବର୍ଗ ଗଜ ଜମିରେ ନିର୍ମିତ ଏହି ଦୁଇ ମହଲା ପ୍ରାସାଦର ପ୍ରତିଟି କୋଣକୁ ଅତ୍ୟନ୍ତ ସୁନ୍ଦର ଭାବେ ସଜାଯାଇଛି। ରାଧାର ଆରାମ କରିବା, ବୁଲିବା, ଚରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହି ମହଲ ନିର୍ମାଣ ପଛରେ ରହିଛି ନରେନ୍ଦ୍ରଙ୍କ ସଂଘର୍ଷ ଏବଂ କୃତଜ୍ଞତାର ଏକ ଭାବପୂର୍ଣ୍ଣ କାହାଣୀ। ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଏକ ସମୟ ଥିଲା ଯେତେବେଳେ ସେ ମାସକୁ ମାତ୍ର ୧୫୦୦ ଟଙ୍କା ଚାକିରି କରି ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ଥିଲା। ହେଲେ ଯେବେଠାରୁ ଗୋମାତା ‹ରାଧା› ତାଙ୍କ ଜୀବନକୁ ଆସିଲା, ସେବେଠାରୁ ତାଙ୍କର ଭାଗ୍ୟ ସମ୍ପୂର୍ଣ୍ଣ ବଦଳିଗଲା। ଧୀରେ ଧୀରେ ତାଙ୍କର ରେଳ ଏବଂ କନ୍‌ଷ୍ଟ୍ରକସନ ବ୍ୟବସାୟ ଏଭଳି ସଫଳତା ପାଇଲା ଯେ, ସେ ଜଣେ ପ୍ରତିଷ୍ଠିତ କୋଟିପତି ବ୍ୟବସାୟୀ ପାଲଟିଗଲେ। ସେ ନିଜର ସବୁ ସଫଳତା, ଧନ ଏବଂ ସମୃଦ୍ଧିର ଶ୍ରେୟ କେବଳ ଗୋମାତା 'ରାଧା'ଙ୍କ ଆଶୀର୍ବାଦକୁ ହିଁ ଦିଅନ୍ତି। ପୂର୍ବରୁ ରାଧା ସେମାନଙ୍କ ଘର ଭିତରେ ପରିବାରର ଜଣେ ସଦସ୍ୟଙ୍କ ଭଳି ରହୁଥିଲା। ଏକଦା ତାଙ୍କର କିଛି ପଡ଼ୋଶୀ ତାଙ୍କୁ ତାଚ୍ଛଲ୍ୟ କରି କହିଲେ, "ତୁମେ ନିଜେ ଯେଉଁ ସୁନ୍ଦର ଘରେ ରହୁଛ, ଗାଈକୁ ବି ସେଇଠି ରଖୁଛ।" ଏହି କଥା ନରେନ୍ଦ୍ରଙ୍କ ମନକୁ ଗଭୀର ଭାବେ ଆଘାତ ଦେଇଥିଲା। ସେ ସଙ୍ଗେ ସଙ୍ଗେ ତାଙ୍କ ଆରାଧ୍ୟ ଗୋମାତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଏବଂ ଆଲିଶାନ ପ୍ରାସାଦ ତିଆରି କରିବା ପାଇଁ ନିଷ୍ପତ୍ତି ନେଲେ। ଏହିପରି ଭାବେ ସେ ଗୋମାତା ପାଇଁ କୋଟିଏ ଟଙ୍କା ବ୍ୟୟରେ ‹ରାଧା ମହଲ› ନିର୍ମାଣ କରିଥିଲେ। ନରେନ୍ଦ୍ର ରାଧା ପାଇଁ ପ୍ରାୟ ୨୪ ଲକ୍ଷ ଟଙ୍କା ମୂଲ୍ୟର ୧୦ କିଲୋ ଓଜନର ସୁନା ଓ ରୂପାର ଅଳଙ୍କାର ତିଆରି କରିଛନ୍ତି। ରାଧା ମୁଣ୍ଡରେ ପିନ୍ଧିବା ପାଇଁ ଏକ ସ୍ୱତନ୍ତ୍ର ସୁନାର ହାର ତିଆରି ହୋଇଛି, ଯେଉଁଥିରେ 'ଓଁ' ଲେଖାଯାଇଛି। ଏହା ପୂର୍ବରୁ ୨୦୨୧ ମସିହାରେ ନରେନ୍ଦ୍ର ନିଜ ଗାଈ 'ରାଧା'ର ବିବାହ ପ୍ରସିଦ୍ଧ 'ପଥମେଡା ଗୌଶାଳା'ରେ ଏକ ଷଣ୍ଢ ସହିତ କରାଇଥିଲେ। ଏହି ବିବାହ କୌଣସି ରାଜକୀୟ ବାହାଘରଠାରୁ କମ୍ ନଥିଲା। ସମ୍ପୂର୍ଣ୍ଣ ବୈଦିକ ରୀତିନୀତି, ବାଦ୍ୟଯନ୍ତ୍ର, ବରଯାତ୍ରୀ ଏବଂ ପ୍ରଭୂତ ଜନସମାଗମ ମଧ୍ୟରେ ଏହି ନିଆରା ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା, ଯାହା ସେତେବେଳେ ମଧ୍ୟ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହୋଇଥିଲା। ନରେନ୍ଦ୍ରଙ୍କ ଏହି ଅଦ୍ଭୁତ ଗୋ-ଭକ୍ତି ସନାତନ ସଂସ୍କୃତିରେ ଗୋ-ସେବାର ମହତ୍ତ୍ୱକୁ ଆହୁରି ଉଜ୍ଜୀବିତ କରିବା ସହ ପଶୁପ୍ରେମର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି।

## ବର୍ଷର ୧୦ ମାସ ପାଣିରେ ବୁଡ଼ି ରହେ ମନ୍ଦିର



ରାଜସ୍ଥାନର କରୌଲି ଜିଲ୍ଲାରେ ରହିଛି ଏମିତି ଏକ ଚମତ୍କାର ପୀଠ ଯାହା ପ୍ରକୃତିର ରହସ୍ୟ ଏବଂ ଭକ୍ତର ଅତୁଟ ବିଶ୍ୱାସକୁ ଏକାଠି ବାନ୍ଧି ରଖିଛି। ବୀରବାସ ଗ୍ରାମର ପାହାଡ଼ଗୁଡ଼ିକର ତଳଦେଶରେ ଅବସ୍ଥିତ ଏହି ଛୋଟ ମନ୍ଦିରଟି ଆଜି ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ଏହି ମନ୍ଦିରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ଭୌଗୋଳିକ ସ୍ଥିତି ଏବଂ ଚତୁର୍ଦ୍ଦିଗରେ ଘେରି ରହିଥିବା ଜଳରାଶି। ମନ୍ଦିରର ଦୃଶ୍ୟ ଋତୁ ଅନୁସାରେ ବଦଳିଥାଏ। ବର୍ଷର ପ୍ରାୟ ୮ ରୁ ୧୦ ମାସ ଏହି ପବିତ୍ର ପୀଠସ୍ଥଳଟି ସମ୍ପୂର୍ଣ୍ଣ ରୂପେ ପାଣି ଭିତରେ ବୁଡ଼ି ରହିଥାଏ। ସେହି ସମୟରେ କେବଳ ମନ୍ଦିରର ଉପରିଭାଗ ହିଁ ଦୃଶ୍ୟମାନ ହୁଏ। ବର୍ଷା ଦିନେ ପାଞ୍ଚନା ବନ୍ଧର ଜଳସ୍ତର ବୃଦ୍ଧି ପାଇଲେ ମୂର୍ତ୍ତି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଏ ଏବଂ କେବଳ ଖରାଦିନେ ପାଣି କମିଲେ ହିଁ ଭକ୍ତମାନେ ଗର୍ଭଗୃହକୁ ଯାଇ ମୂର୍ତ୍ତିର ଚରଣ ସ୍ପର୍ଶ କରିବାର ସୁଯୋଗ ପାଆନ୍ତି। ହେଲେ ଆଶ୍ଚର୍ଯ୍ୟର କଥା ଯେ, ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଏବଂ ଜଳସ୍ତର ହ୍ରାସ ପାଇବା କ୍ଷଣି, ଏଠାକୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ସୁଅ ଛୁଟିବା ଆରମ୍ଭ ହୋଇଯାଏ। ଭକ୍ତମାନେ ମନୋସ୍କାମନା ପୂରଣ ପାଇଁ ପାଣି ଭିତର ଦେଇ ଚାଲି ଚାଲି ପ୍ରଭୁଙ୍କ ଦର୍ଶନ କରିବାକୁ ପହଞ୍ଚନ୍ତି। ମନ୍ଦିରରେ ଥିବା ପ୍ରଭୁ ହନୁମାନଙ୍କ ମୂର୍ତ୍ତିରେ ବୀରତ୍ୱ ଓ ଭକ୍ତିର ଏକ ଅପୂର୍ବ ଦୃଶ୍ୟ ରହିଛି। ଏଠାରେ ପ୍ରଭୁ ହନୁମାନଙ୍କର ଡାହାଣ କାନ୍ଧରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଏବଂ ବାମ କାନ୍ଧରେ ଭ୍ରାତା ଲକ୍ଷ୍ମଣ ଧନୁ-ତୀର ଧରି ବସିଛନ୍ତି। ଏହି ମୂର୍ତ୍ତି ଏବଂ ମନ୍ଦିରଟି ପ୍ରତିବର୍ଷ ପ୍ରାୟ ୧୦ ମାସ ପାଣି ଭିତରେ ବୁଡ଼ି ରହୁଥିଲେ ବି ତଥାପି ଏହାର ପ୍ରାକୃତିକ ଚମକ ସେମିତି ରହିଛି।

## ଅଦିନିଆ ଫୁଲକୋବି ଚାଷ

**ଫୁଲକୋବି ଏକ ଲାଭଜନକ ଫସଲ। ତେବେ ବର୍ଷସାରା ଫୁଲକୋବିର ଚାହିଦାକୁ ଦୃଷ୍ଟିରେ ରଖି ଏବେ ଅଦିନିଆ ଫୁଲକୋବି ଚାଷ ଉପରେ ଚାଷୀମାନେ ବେଶି ଗୁରୁତ୍ୱ ଦେଉଛନ୍ତି। କାରଣ ଏଥିରୁ ଚାଷୀମାନେ ପ୍ରଚୁର ଲାଭବାନ ହୋଇପାରିବେ।**



ଠିକ୍ ସମୟରେ କିସମ ଚୟନ: ଶୀତଦିନେ ମୁଖ୍ୟତଃ ଫୁଲକୋବି ଚାଷ କରାଯାଏ। ହେଲେ ଉନ୍ନତ ପ୍ରଣାଳୀ ଓ ସଠିକ୍ କିସମ ବ୍ୟବହାର କରି ବର୍ଷା ଓ ଖରାଦିନେ ବି ଏହାକୁ ଚାଷ କରାଯାଉଛି। ଦୋରସା ମାଟି ଏହି ଫସଲ ପାଇଁ ଉପଯୋଗୀ। ବର୍ତ୍ତମାନ ଫୁଲକୋବିର ଅନେକ ନୂଆ ନୂଆ କିସମ ସହିତ ହାଇବ୍ରିଡ୍ କିସମ ଅଛି। ତା'ସହ ପୁଷା କୁଆଁରି, ପୁଷା କାର୍ତ୍ତିକି, ପୁଷା ଦୀପାଳି ଭଳି ଆହୁରି ଫୁଲକୋବି କିସମ ଅଛି। ଫୁଲକୋବି ହେଉଛି ତାପ ସମ୍ବେଦନଶୀଳ ଫସଲ। ତେଣୁ ଏହାର ଉଚିତ କିସମକୁ ଠିକ୍ ସମୟରେ ଲଗାଇବା ଉପରେ ଚାଷୀମାନେ ଯତ୍ନବାନ ହେବା ଉଚିତ। ଏହାର କିସମକୁ ଠିକ୍ ସମୟରେ ନ ଲଗାଇଲେ କେବଳ ଫୁଲ ଫୁଟିବନି ତାହା ନୁହେଁ, ବରଂ ବିଭିନ୍ନ ସମସ୍ୟା ଦେଖା ଦେବ। ଅନ୍ୟପଟେ ପୁଷା କୁଆଁରି କିସମକୁ ଜୁନ୍, ଜୁଲାଇରେ ଲଗାଇଲେ କୁମାରପୂର୍ଣ୍ଣିମା ବେଳକୁ ଏହା ବଜାରରେ ଉପଲବ୍ଧ ହୋଇଥାଏ। ସେହିପରି ଆଉ ଟିକିଏ ବିଳମ୍ବରେ ପୁଷା ଦୀପାଳି କିସମକୁ ଲଗାଇଲେ ଦୀପାବଳି ସମୟରେ ବଜାରରେ ଉପଲବ୍ଧ ହୋଇଥାଏ। କେବଳ ସେତିକି ନୁହେଁ, ପୁଷା କାର୍ତ୍ତିକି କାର୍ତ୍ତିକ ମାସରେ ମିଳିଥାଏ। ତେଣୁ ଉଚିତ ସମୟରୁ ଜମି ପ୍ରସ୍ତୁତି କରି ତଳି ପଟି କରି ଫୁଲକୋବି ଚାରା ଲଗାଇବା ଦରକାର। ଏମିତି ହୋଇପାରିଲେ ଚାରା ୨୧ ଦିନ ପର୍ଯ୍ୟନ୍ତ ସମୟ ନେଇଥାଏ।

ଦୁଇଟି ତଳି ଭଲ: ବର୍ଷା ଦିନରେ ଅନେକ ଗଛ ମରିବାର ଆଶଙ୍କା ଅଧିକ ଥାଏ। ସେଥିପାଇଁ ତଳି ଲଗାଇବା ସ୍ଥାନରେ ଗୋଟିଏ ତଳି ବଦଳରେ ଦୁଇଟି ତଳି ଲଗାଇବା ଉଚିତ। ଏହାସହ ଏହାର ବ୍ୟବଧାନ ଉପରେ ବି ଚାଷୀଙ୍କୁ ଦୃଷ୍ଟିଦେବା ନିହାତି ଜରୁରି। ତଳିକୁ ତଳି ବ୍ୟବଧାନ ଧାଡ଼ିକୁ ଧାଡ଼ି ୪୫ ସେଣ୍ଟିମିଟର ଏବଂ ଗଛକୁ ଗଛ ୩୦ ସେଣ୍ଟିମିଟର କମ୍ କରିବା ଦରକାର। ଏହାବାଦ୍ ବିହନ ଏକ ହେକ୍ଟର ପ୍ରତି ୭୫୦ ଗ୍ରାମ ଦରକାର ପଡ଼ିଥାଏ। ସଢ଼ା ଗୋବର ଖତ ଗଛ ପାଇଁ ଭଲ।

ବୋରନ ଅଭାବରୁ ଅମଳ କମେ: ବର୍ଷା ଦିନେ ପାଣି ଯେଭଳି ଠିକ୍ ଭାବେ ନିଷ୍କାସନ ହେବ, ସେ ଉପରେ ବି ଗୁରୁତ୍ୱ ଦେବା କଥା। ତେଣୁ ଫୁଲକୋବିକୁ ହୁଡ଼ା ପ୍ରଣାଳିରେ ଲଗାଇବା ଭଲ। ମାଟି ଚଢ଼ାଇବା ଉପରେ ବି ସମାନ ଦୃଷ୍ଟି ଦେବା ଉଚିତ। ଫୁଲକୋବି ଲଗାଇବାର ୩୦ ଦିନ ପରେ ଥରେ ଏବଂ ୪୫ ଦିନ ପରେ ଆଉ ଥରେ କୋଡ଼ାଖୋସା କରିବାକୁ ପଡ଼ିଥାଏ। ଫୁଲୋକବି ଚାଷ କରିବା ସ୍ଥାନରେ ଘାସ ଯେଭଳି ନ ଉଠିବ, ସେଥିପାଇଁ ଚାଷୀଙ୍କୁ ସବୁବେଳେ ସଚେତନ ରହିବାକୁ ହେବ। ଫୁଲକୋବିରେ ରୋଗପୋକ ପାଇଁ ସନ୍ଧ୍ୟାରେ ଔଷଧ ପକାଇବା ଭଲ। ଏହାସହ ବୋରନ ଅଭାବ ହେଲେ ଅମଳ କମିଯାଏ।




## ଲାଭଜନକ ଗୁଣ୍ଡୁରି ପାଳନ



**କୁକୁଡ଼ା ତୁଳନାରେ ଗୁଣ୍ଡୁରି ପକ୍ଷୀର ଚାହିଦା କମ୍। ହେଲେ ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି। ଗୁଣ୍ଡୁରି ପକ୍ଷୀ ମାଂସ ଓ ଅଣ୍ଡାର ଚାହିଦା ଶୀତ ଦିନେ ବେଶି। ଆଜିକାଲି କୁକୁଡ଼ା ପରି ଗୁଣ୍ଡୁରି ପାଳନ କରି ଅନେକ ଲୋକ ଲାଭବାନ ହେଉଛନ୍ତି।**

ଗୁଣ୍ଡୁରି ପକ୍ଷୀ ପାଳନ ଏକ ଲାଭଜନକ ବ୍ୟବସାୟ। ଏହା ଏକ ଛୋଟ ପକ୍ଷୀ। ତେଣୁ ଏହା କମ୍ ଖର୍ଚ୍ଚ, କମ୍ ଜାଗା, ଏବଂ କମ୍ ସମୟରେ ଅଧିକ ଆୟ ଦେଇଥାଏ। ଫଳରେ ଏହାକୁ ଲୋକେ ପାଳିବାକୁ ବେଶି ପସନ୍ଦ କରନ୍ତି। ସେହିପରି ଗୋଟିଏ କୁକୁଡ଼ା ସ୍ଥାନରେ ୫-୬ଟି ଗୁଣ୍ଡୁରି ପକ୍ଷୀ ପାଳନ କରିବା ସମ୍ଭବ। କ୍ୱେଲ ବା ଗୁଣ୍ଡୁରି ଛୁଆର ଗୋଡ଼ ଅତି ସରୁ ଓ ସୂକ୍ଷ୍ମ। ଏହି ପକ୍ଷୀ ଶୀଘ୍ର ବଢ଼ିଥାନ୍ତି। କହିବାକୁ ଗଲେ ମାସକ ମଧ୍ୟରେ ବିକ୍ରି ପାଇଁ ଏହା ପ୍ରସ୍ତୁତ। ଗୋଟିଏ ଗୁଣ୍ଡୁରି ପକ୍ଷୀ ୫ ସପ୍ତାହ ପର୍ଯ୍ୟନ୍ତ ୪୦୦ ଗ୍ରାମ ଦାନା ଦରକାର କରିଥାଏ। ସେହିପରି ଦାନାକୁ ଶୁଖିଲା ଜାଗାରେ ଯତ୍ନର ସହିତ ସାଇତି ରଖିବା ଜରୁରି।

ଏମାନଙ୍କୁ କ୍ୱେଲ ଫିଡ୍ ବା କୁକୁଡ଼ାଙ୍କ ପାଇଁ ଉଦ୍ଦିଷ୍ଟ ଫାଷ୍ଟୋର ଫିଡ୍ ଦିଆଯାଇପାରିବ। ସେମାନଙ୍କ ଖାଦ୍ୟରେ ପ୍ରୋଟିନ ପରିମାଣ ଅଧିକ ରହିଲେ ଶୀଘ୍ର ବଢ଼ନ୍ତି। କୁକୁଡ଼ା ତୁଳନାରେ ଏହାର ରୋଗପ୍ରତିରୋଧକ କ୍ଷମତା ଅଧିକ। ସେଥିପାଇଁ ଏହାକୁ ଶୀଘ୍ର ରୋଗ ହୋଇ ନ ଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ ହେଲେ ସମସ୍ୟା ଦେଖା ଦିଏ। ସେମାନେ ପିମ୍ପି ଜାତୀୟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଗୁଣ୍ଡୁରି ପକ୍ଷୀ ଘରର ଆର୍ଦ୍ରତା ବଢ଼ିଲେ ଏହି ରୋଗ ଦେଖାଦିଏ। ତେଣୁ ଏହାକୁ ଭଲ କରିବା ପାଇଁ ଘରର ଆର୍ଦ୍ରତା କମ୍ କରିବା ଦରକାର। ଜାପାନୀ ଗୁଣ୍ଡୁରି ପକ୍ଷୀ ଏବଂ ବବ୍ ହ୍ୱାଇଟ୍ ଗୁଣ୍ଡୁରି ପକ୍ଷୀ ପ୍ରଜାତି ଅଧିକ ଲାଭ ମିଳେ କୁହାଯାଏ।

## କୃଷି ପାଣିପାଗ

### ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଓ ଅବପାତ ଜନିତ ମାତ୍ରାଧିକ ବୃଷ୍ଟିପାତ ପରିପ୍ରେକ୍ଷୀରେ କେତେକ ପରାମର୍ଶ...

- ଧାନ କେଣ୍ଡା ୮୦-୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଧାନ ବେଙ୍ଗଳା ସମ୍ଭବ ନ ହେଲେ କଟା ଧାନକୁ ପଲିଥିନରେ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ।
- ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା କରନ୍ତୁ।
- ଫସଲରେ ସାର ଓ କୀଟନାଶକ ସିଞ୍ଚନ ସାମୟିକ ସ୍ଥଗିତ ରଖନ୍ତୁ।
- ଅଣଧାନ ଫସଲରେ ଜଳ ନିଷ୍କାସନ ବ୍ୟବସ୍ଥା ନିଶ୍ଚିନ୍ତ କରନ୍ତୁ।
- ଅମଳ ଉପଯୋଗୀ ପନିପରିବା ତୋଳି ଦିଅନ୍ତୁ।
- ଅମଳ ଉପଯୋଗୀ ମକା, ମାଣ୍ଡିଆ, ମୁଗ, ବିରି ଆଦି ଡାଲି ଜାତୀୟ ଫସଲକୁ ବର୍ଷା ହେବା ପୂର୍ବରୁ ତୁରନ୍ତ ଅମଳ କରି ନିଅନ୍ତୁ।
- ବର୍ଷା ଯୋଗୁଁ ପୋଟଳ, କଖାରୁ, କାକୁଡ଼ି, ଜହ୍ନି ଆଦି ଲତା ଜାତୀୟ ଫସଲ ପ୍ରଭାବିତ ହୋଇଥିଲେ ଜଳ ନିଷ୍କାସନ କରି ରଞ୍ଜା ସଳଖ କରନ୍ତୁ।

## ନିମ୍ବ କୀଟନାଶକ



ନିମ୍ବ କୀଟନାଶକ ସବୁପ୍ରକାର କୀଟଙ୍କ ପ୍ରାରମ୍ଭିକ ଅବସ୍ଥା ପାଇଁ ଉପଯୋଗୀ। ଏହାଛଡ଼ା ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମଧ୍ୟ ନୁହେଁ। ମହଙ୍ଗା କୀଟନାଶକକୁ ଚାଷୀଭାଇ ବ୍ୟବହାର ନ କରି ଘରେ ନିମ୍ବ କୀଟନାଶକ ପ୍ରୟୋଗ କରି ରୋଗପୋକରୁ ଫସଲକୁ ସୁରକ୍ଷିତ ରଖିପାରିବେ। ଏକ କେଜି ନିମ୍ବ ପତ୍ର କୁଟି ତାହାକୁ ୧୦ ଲିଟର ପାଣିରେ ପକାନ୍ତୁ। ୨୪ ଘଣ୍ଟା ପରେ ଏହାକୁ ଏକ କପଡ଼ାରେ ଛାଣନ୍ତୁ। ଏହି ମିଶ୍ରଣରେ ୧୦ ମିଲି ଲିଟର ଶାମ୍ପୁ ଓ ସାବୁନ ପାଣି ମିଶାଇ କ୍ଷେତରେ ସିଞ୍ଚନ କରନ୍ତୁ।

## ସଫଳ ଚାଷୀ





## ଟମାଟୋ ଚାଷରୁ ଲକ୍ଷପତି

ନିଜର ଏକ ଏକର ଚାଷ ଜମିରେ ଟମାଟୋ ଚାଷ କରି ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି ନୂଆପଡା ଜିଲ୍ଲା ବୋଡେନ ବ୍ଲକ୍ ବୁଢ଼ାପଡ଼ା ଗାଁର ଯୁବ ଚାଷୀ ଶେଖର ସତନାମୀ। ଏକଦା ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଗତ ୩ ବର୍ଷ ହେବ ନିଜର ଏକ ଏକର ଚାଷ ଜମିରେ ବିଭିନ୍ନ ପ୍ରକାର ଚାଷ କରି ଜଣେ ସଫଳ ଚାଷୀର ପରିଚୟ ଲାଭ କରିଛନ୍ତି। ତା' ସହିତ ଅନ୍ୟମାନଙ୍କୁ ରୋଜଗାର ମଧ୍ୟ ଯୋଗାଉଛନ୍ତି।

ଚଳିତ ବର୍ଷ ଶେଖର ନିଜର ଏକ ଏକର ଚାଷଜମିରେ ଟମାଟୋ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ବେଳେ ଆଗକୁ ଆହୁରି ୪-୫ ଲକ୍ଷ ଟଙ୍କା ରୋଜଗାର କରିବା ଆଶା ରଖିଛନ୍ତି। ଶେଖର ଗତ ୩ ବର୍ଷ ହେଲା ବିଭିନ୍ନ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ଗାଁର ଯେଉଁମାନେ ଦାଦନ ଖଟିବାକୁ ଯାଉଥିଲେ ସେମାନଙ୍କୁ ମଧ୍ୟ ରୋଜଗାର ଦେଇ ସ୍ୱାବଲମ୍ବୀ କରାଇ ପାରିଛନ୍ତି। ଯାହାକୁ ନେଇ ଶେଖର ବହୁତ ଖୁସି ଅନୁଭବ କରୁଥିବା କହିଛନ୍ତି। ଏବେ ତାଙ୍କୁ ପରିବାର ପ୍ରତିପୋଷଣ ପାଇଁ ଅନ୍ୟମାନଙ୍କ ପାଖରେ ହାତ ପତାଇବାକୁ ପଡୁ ନ ଥିବା କହନ୍ତି।

ସେହିପରି ଶେଖରଙ୍କ ଏହି ଉଦ୍ୟମ ଦେଖି ତାଙ୍କୁ ସହଯୋଗର ହାତ ବଢ଼ାଇଛି ଉଦ୍ୟାନ ବିଭାଗ। ଉଦ୍ୟାନ ବିଭାଗର ପ୍ରୋତ୍ସାହନରେ ଗତ ବର୍ଷ ଶେଖର ବିଦେଶୀ ଫଳ ଷ୍ଟବେରି ଚାଷ କରି ସଫଳ ହୋଇଥିଲେ। ଏଥର କିନ୍ତୁ ଟମାଟୋ ଚାଷ କରି ଲକ୍ଷପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। କଥାରେ ଅଛି ଦୃଢ଼ ଇଚ୍ଛା ଶକ୍ତି ଓ ଦୃଢ଼ ମନୋବଳ ଥିଲେ ଯେ କୌଣସି ଅସାଧ କାମ ମଧ୍ୟ ସାଧିତ ହୋଇଥାଏ। ଯାହାକୁ ବାସ୍ତବରେ ଶେଖର ପ୍ରମାଣିତ କରିଛନ୍ତି। ଅନ୍ୟପଟେ ଶେଖରଙ୍କ ଏହି କାର୍ଯ୍ୟ ଏବେ ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛି।

ଶୁଭ୍ରାଂଶୁ କୁମାର ନାଏକ, ନୂଆପଡ଼ା ଜିଲ୍ଲା ପ୍ରତିନିଧି

ଉତ୍କଳ ସମାଚାର

# ସମ୍ପାଦକୀୟ...

**ବୁଧବାର ୨୮ ଅକ୍ଟୋବର ୨୦୨୬**

## ବନ୍ୟ ପ୍ରାଣୀ ଆଇନର ବିଡ଼ମ୍ବିତ ଦିଗ

**ସଂଗ୍ରାମ କେଶରୀ ରାଉତ**



ପୃଥିବୀ ସାରା ପ୍ରକୃତିର ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ପାଇଁ ୧୯୪୮ ମସିହାରେ ଜାତିସଂଘ ଆନୁକୂଲ୍ୟରେ ଆଇ.ୟୁ.ସି.ଏନ୍. (ଇଟସରନେସନାଲ ୟୁନିଅନ ଫର କନଜରଭେସନ ଅଫ ନେଚର) ବା ଅନ୍ତର୍ଜାତୀୟ ପ୍ରକୃତି ଓ ସଂରକ୍ଷଣ ସଂଘ ଗଢ଼ାଗଲା । ଏହାର ମାର୍ଗଦର୍ଶିକାକୁ ସମସ୍ତ ଦେଶ ଗ୍ରହଣ କଲେ । ଆଇ.ୟୁ.ସି.ଏନ. ଜରିଆରେ ବନ୍ୟ ପ୍ରାଣୀ ଓ ଉଦ୍ଭିଦର ସଂଖ୍ୟା, ବିବିଧତା, ବହୁଳତା, ବିରଳତା, ବ୍ୟାପକତା, ସେମାନଙ୍କ ପ୍ରତି ବିପଦ ଆଦି ବିଷୟରେ ଗଭୀର ଅନୁଧ୍ୟାନ କରାଯାଇ ସେମାନଙ୍କ ସୁରକ୍ଷା ଓ ସଂକ୍ଷଣ ପାଇଁ ସମସ୍ତ ବନ୍ୟ ପ୍ରାଣୀ ଓ ଉଦ୍ଭିଦଙ୍କୁ ୯ଟି ଶ୍ରେଣୀରେ ବାଣ୍ଟି ଦିଆଗଲା । ସେହି ତାଲିକାର ଏକ ନମ୍ବରରେ ରହିଲେ ପୃଥିବୀରୁ ସଂପୂର୍ଣ୍ଣ ବିଲୁପ୍ତ ପାଇଥିବା ଜୀବ ଓ ବୃକ୍ଷ, ଯେଉଁମାନେ ଦୃଷ୍ଟିଗୋଚର ହେବାର ଆଉ କୌଣସି ସମ୍ଭାବନା ନାହିଁ, ଯେମିତି କି ଡାଇନୋସର ଓ ଡୋଡୋ । ଦୁଇ ନମ୍ବରରେ ରହିଲେ ବନରେ ବିଲୁପ୍ତ ହୋଇଯାଇଥିଲେ ହେଁ ଚିଡ଼ିଆଖାନାରେ ରହିଥିବା ପ୍ରାଣୀ, ଯେମିତି ଶାଗୁଣା । ତିନି ନମ୍ବରରେ ଆସିଲେ ସଂକଟଜନକ ଭାବେ ବିପଦାପନ୍ନ ପ୍ରାଣୀ, ଯେଉଁମାନେ ଦଶ ବର୍ଷ ମଧ୍ୟରେ ୮୦ରୁ ୯୦ ଭାଗ କମି ଯାଇଥିବେ, ଯେମିତି ଆମ ଦେଶର ବାଘ । ଚାରି ନମ୍ବରରେ ଆସିବେ, ସେହି ବିପଦାପନ୍ନ ପ୍ରାଣୀ, ୧୦ ବର୍ଷ ମଧ୍ୟରେ ଯେଉଁମାନଙ୍କ ସଂଖ୍ୟା ୫୦ରୁ ୭୦ ଭାଗ କମିଥିବ । ପାଂଚ ନମ୍ବରରେ ରହିବେ 'ଭଲନରେବଲ' ବା ଦୁର୍ବଳ ସ୍ଥିତିରେ ଥିବା ପ୍ରାଣୀ, ୧୦ ବର୍ଷ ମଧ୍ୟରେ ଯେଉଁମାନଙ୍କ ସଂଖ୍ୟା ୩୦ ଭାଗ କମିଥିବ । ଷଷ୍ଠରେ ଆସିବେ ଆସନ୍ନ ବିପଦର ସାମନା କରୁଥିବା ସେହି ଜୀବଜନ୍ତୁ ଯେଉଁମାନଙ୍କ ସଂଖ୍ୟା ଶୀଘ୍ର କମିଯିବାର ଭୟ ଥିବ । ସପ୍ତମରେ ଆସିବେ ସେହି ବନ୍ୟ ଜନ୍ତୁ, ଯାହାଙ୍କ ସଂଖ୍ୟା ଉପରେ ବିପଦ ନାହିଁ । ଅଷ୍ଟମରେ ଆସିବେ ସେହି ଜୀବଜନ୍ତୁ ଯେଉଁମାନଙ୍କର ସଂଖ୍ୟାର ହିସାବ ବା ତଥ୍ୟ ନ ଥିବ । ନଅ ନମ୍ବରରେ ଆସିବେ ସେଭଳି ବନ୍ୟ ଜନ୍ତୁ ଯେଉଁମାନଙ୍କ ସଂଖ୍ୟା ନେଇ ଆଇ.ୟୁ.ସି.ଏନ. ଆଦୌ ଚିନ୍ତିତ ନୁହେଁ । ୧୯୭୧ ମସିହାରେ ସ୍ୱିଡେନର ରାଜଧାନୀ ଷ୍ଟକହୋମ ଠାରେ ଅନୁଷ୍ଠିତ ଆଇ.ୟୁ.ସି.ଏନ. ସମ୍ମିଳନୀରେ ଭାରତର ମହାବଳ ବାଘଙ୍କ ସଂଖ୍ୟା ଏକଦା ୫୦ ହଜାରରୁ ୧୮୨୭କୁ ଖସି ଆସିବା ବିଷୟ ଘୋର ଉଦ୍‌ବେଗ ସୃଷ୍ଟି କରିଥିଲା । ଏଥିରେ ବିଚଳିତ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆଇ.ୟୁ.ସି.ଏନ. ମାର୍ଗଦର୍ଶିକା ଆଧାରରେ ଐତିହାସିକ ୧୯୭୨ ବନ୍ୟ ଜନ୍ତୁ ସୁରକ୍ଷା ଆଇନ ଲାଗୁ କଲେ । ଏହା ପରେ ବନ୍ୟ ଜନ୍ତୁଙ୍କୁ ପାଳିବା, ପୋଷିବା, ବେପାର କରିବା ଓ ଶିକାର କରିବା ଆଦି ସକାଶେ ଜରିମାନା ଓ ଜେଲ୍ ଭଳି ଦଣ୍ଡର ବ୍ୟବସ୍ଥା ରହିଲା । ବନ୍ୟ ପ୍ରାଣୀ ବଂଶ ବୃଦ୍ଧି ପାଇଁ ତୁରନ୍ତ ଉତ୍ତରାଖଣ୍ଡରେ ଥିବା ଜିମ କରବେଟ ଜାତୀୟ ଉଦ୍ୟାନକୁ 'ପ୍ରୋଜେକ୍ଟ ଟାଇଗର' ରୂପେ ଘୋଷଣା କରାଗଲା । ଆମ ରାଜ୍ୟର ଶିମିଳିପାଳ ସହ ଦେଶରେ ୯ଟି ବ୍ୟାଘ୍ର ପ୍ରକଳ୍ପ ଘୋଷଣା କରାଗଲା । ସେହିଭଳି ୧୯୭୫ରେ ୩ ଜାତିର କୁମ୍ଭୀର (ବଉଳା, ଘଡ଼ିଆଳ ଓ ଗୋମୁହାଁ) ଓ ସାମୁଦ୍ରିକ କଇଁଛ, ୭୭ ମସିହାରେ ମଣିପୁରର ଥମିଆ ହରିଣ, ୮୬ ମସିହାରେ ଡଲଫିନ ବା ଶିଶୁମାର, ୯୨ ମସିହାରେ ହାତୀ, ୨୦୦୫ ମସିହାରେ ଗଣ୍ଡା, ୨୦୦୬ ମସିହାରେ ଶାଗୁଣା, ୨୦୦୯ ମସିହାରେ ହିମ ଚିତା, ୨୦୧୩ ମସିହାରେ ସାରସ ପକ୍ଷୀ, ୨୦୨୨ ମସିହାରେ ଚିତା ଇତ୍ୟାଦିଙ୍କ ବଂଶ ବୃଦ୍ଧି ପାଇଁ ସ୍ୱତନ୍ତ୍ର ଭାବରେ ପ୍ରକଳ୍ପମାନର ଘୋଷଣା କରାଗଲା । ଦେଶ ଓ ରାଜ୍ୟରେ ବନ୍ୟ ଜନ୍ତୁ ବୋର୍ଡ ଗଠନ କରାଗଲା । ବନ୍ୟ ଜନ୍ତୁମାନଙ୍କ ସୁରକ୍ଷା ଲାଗି ରାଜ୍ୟଗୁଡ଼ିକରେ ସ୍ୱତନ୍ତ୍ର ମୁଖ୍ୟ ବନ୍ୟ ଜନ୍ତୁ ତତ୍ତ୍ୱାବଧାରକ ବା ପି.ସି.ସି.ଏଫ୍. ନିଯୁକ୍ତ ହେଲେ । ଅବେ ?ତନିକ ବନ୍ୟ ଜନ୍ତୁ ତତ୍ତ୍ୱାବଧାରକମାନ ନିଯୁକ୍ତ ହେଲେ । ଜାତୀୟ ଉଦ୍ୟାନ, ଅଭୟାରଣ୍ୟ, ରମସାର ସାଇଟ, ଜୈବମଣ୍ଡଳ, କମ୍ୟୁନିଟି ରିଜର୍ଭ ଓ କନଜରଭେସନ ରିଜର୍ଭ ଆଦି ସୃଷ୍ଟି ହେଲା । ତେବେ, ଏଭଳି ଉଦ୍ୟମରେ ମହାବଳ ବାଘ, ସାରସ ଓ ଶାଗୁଣା ପ୍ରକଳ୍ପର ସଫଳତା ଆଶାନୁରୂପକ ହୋଇ ନ ଥିବା ବେଳେ ଅନ୍ୟମାନଙ୍କ କ୍ଷେତ୍ରରେ ଖୁବ୍ ସଫଳତା ମିଳିଛି । ଏପରିକି ଏବେ ତା'ର କୁଫଳ ମଧ୍ୟ ଉଦ୍‌ବେଗର କାରଣ ହେଲାଣି । ବିଶେଷ କରି ମାଙ୍କଡ଼, ବାରହାମାନଙ୍କର ମାତ୍ରାଧିକ ବଂଶ ବୃଦ୍ଧି ହେତୁ ବିଭିନ୍ନ ସମସ୍ୟା ଦେଖା ଦେଲାଣି । ସତୁରି ପ୍ରକାର ପକ୍ଷୀଙ୍କ ବଂଶ ଲୋପ ପାଇଯିବା ଉପରେ ଏବଂ ସ୍ଥଳ ଭାଗରେ ବଂଶ ବିସ୍ତାର କରୁଥିବା ଅନେକ ପଶୁପକ୍ଷୀଙ୍କ ଉପରକୁ ବିପଦ ମାଡ଼ି ଆସୁଛି । ଏ ସଂଦର୍ଭରେ ଅଭିଯୋଗ ହେଉଛି ଯେ ଅନେକ ପଶୁପକ୍ଷୀଙ୍କ ଗଣତି କରାଯାଇ ସେମାନଙ୍କ ସଂଖ୍ୟା ପ୍ରକାଶ କରାଯାଉଥିଲେ ହେଁ ବା ?ହା ଓ ମାଙ୍କଡ଼ମାନଙ୍କ ସଂଖ୍ୟା ନେଇ କୌଣସି ତଥ୍ୟ ବା ସୂଚନା ନାହିଁ । ଅନୁମାନ କରାଯାଏ ଯେ ଏମାନଙ୍କ ସଂଖ୍ୟା ପ୍ରାୟ ୫ କୋଟି ହେବ । ପୁଣି ଏକ ବିଡ଼ମ୍ବନା ହେଲା ମାଙ୍କଡ଼ ଓ ବାରହା ସିଡ୍ୟୁଲ-୨ରେ ଅନ୍ତର୍ଭୁକ୍ତ । ୧୯୭୨ ମସିହାର ବନ୍ୟ ଜନ୍ତୁ ସୁରକ୍ଷା ଆଇନରେ ବନ୍ୟ ଜନ୍ତୁ ବିଷୟ ରାଜ୍ୟ ତାଲିକାଭୁକ୍ତ ଥିଲା, ଯାହା ୧୯୭୮ରେ ଯୁଗ୍ମ ତାଲିକା ଭୁକ୍ତ ହେଲା । କେ ?ଣସି ଉପଦ୍ରବୀ ପ୍ରାଣୀଙ୍କୁ 'ଭର୍ମିନ' ଘୋଷଣା କରି ମାରିବାର ଅଧିକାର ୧୯୯୨ ମସିହାରେ କେନ୍ଦ୍ର ସରକାର ନିଜ ହାତକୁ ନେଇଗଲେ । ୨୦୨୨ ମସିହାର ବନ୍ୟ ପ୍ରାଣୀ ସଂଶୋଧନ ଫଳରେ ବାରହା ଓ ମାଙ୍କଡ଼ମାନେ ସିଡ୍ୟୁଲ-୨ରେ ଅନ୍ତର୍ଭୁକ୍ତ ହେଲେ । ଏମିତି ଭାବେ ଏହି ପ୍ରାଣୀ ଦ୍ୱୟ ସୁରକ୍ଷାର କବଚ ପାଇଲେ । ଏଣେ, ଆଇ.ୟୁ.ସି.ଏନ. ଗାଇଡଲାଇନ ଅନୁସାରେ ବାରହା ଓ ମାଙ୍କଡ଼ ଭଳି ହିସାବ ନ ଥିବା ପ୍ରାଣୀ ୮ ନମ୍ବରରେ ଯାଆନ୍ତି, ଯାହାର ଅର୍ଥ ଏମାନଙ୍କ ସୁରକ୍ଷା ଉଦ୍ ?ବେଗର ବିଷୟ ନୁହେଁ । ଏହି ପରିପ୍ରେକ୍ଷୀରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବନ୍ୟ ଜନ୍ତୁଙ୍କ ସୁରକ୍ଷା ନେଇ ଅନାବଶ୍ୟକ ଆଗ୍ରହାତିଶଯ୍ୟ ହେତୁ ଅନେକ ମନୁଷ୍ୟ ଦାରୁଣ କଷଣ ଦେଇ ଯାଉଛନ୍ତି । ବା ?ହା ଓ ମାଙ୍କଡ଼ଙ୍କ ଉତ୍ପାତ କିଭଳି ଦୁର୍ବିଷହ ହେଲାଣି, ତାହା ଏବେ ଓଡ଼ିଶାର ଚାଷୀଭାଇମାନେ ଅଙ୍ଗେ ନିଭାଉଛନ୍ତି । ଏଣୁ ବନ୍ୟ ପ୍ରାଣୀ ସଂରକ୍ଷଣ ବାବଦରେ ପୁନର୍ଚିନ୍ତନର ଆବଶ୍ୟକତା ରହିଛି ବୋଲି ମତ ମଧ୍ୟ ପ୍ରକାଶ ପାଉଛି ।

# ବ୍ରତ ଆମ ପରମ୍ପରା

**( ଶ୍ରୀ ଏ ଆର ଖାନ,ବରିଷ୍ଠ ସାମ୍ବାଦିକ )**

ଓଡ଼ିଶାର ଏକ ଅତ୍ୟନ୍ତ ପବିତ୍ର ଓ ନିଷ୍ଠାପର ବ୍ରତ ହେଉଛି ସୁଦଶା ବ୍ରତ । ଏହା ମହାଲକ୍ଷ୍ମୀଙ୍କର କୃପା, ସୌଭାଗ୍ୟ ଏବଂ ସମୃଦ୍ଧି ପ୍ରାପ୍ତି ପାଇଁ ବିଶେଷ ଭାବେ ପାଳନ କରାଯାଏ । ଯେଉଁ ମାସର ଶୁକ୍ଳପକ୍ଷ ଦଶମୀ ତିଥି ବୁଧବାର ଦିନ ପଡ଼ିଥାଏ, ସେହି ଦିନ ସୁଦଶା ବ୍ରତ ପାଳନ କରାଯାଏ । ବର୍ଷକ ମଧ୍ୟରେ ଏହି ଦୁର୍ଲଭ ସଂଯୋଗ ଯେତେଥର ଆସେ, ସେତେଥର ଏହି ବ୍ରତ ନିଷ୍ଠାର ସହ ପାଳନ କରାଯାଏ । ସୁଦଶା ବ୍ରତରେ ଦଶ ସଂଖ୍ୟାର ବିଶେଷ ଗୁରୁତ୍ୱ ରହିଛି : କଞ୍ଚା ସୂତାରେ ହଳଦୀ ଲଗାଇ ୧୦ଟି ଗଣ୍ଠି ଦିଆଯାଏ, ଯାହାକୁ 'ସୁଦଶା ବ୍ରତସୂତ୍ର' କୁହାଯାଏ । ମା ଲକ୍ଷ୍ମୀଙ୍କୁ ୧୦ ପ୍ରକାରର ଫୁଲ, ୧୦ଟି ଦୁବ, ୧୦ଟି ବେଲପତ୍ର, ୧୦ଟି ଚାଉଳ ଗୋଟା, ୧୦ଟି ଗୁଆ, ୧୦ଟି କଦଳୀ ଏବଂ ୧୦ଟି ପିଠା ଅର୍ପଣ କରାଯାଏ । ମହିଳାମାନେ ସକାଳୁ ସ୍ନାନାଦି ସାରି ଶୁଦ୍ଧ ନୂତନ ବା ପରିଷ୍କାର ବସ୍ତ୍ର ପରିଧାନ କରନ୍ତି ଏବଂ ନିର୍ଜଳା ବ୍ରତ ରଖନ୍ତି । ଘରର ଐଶାନ୍ୟ କୋଣରେ ବା ପୂଜା ସ୍ଥାନରେ ଝୋଟି-ଚିତା ପକାଇ ମହାଲକ୍ଷ୍ମୀଙ୍କର ସ୍ଥାପନା କରାଯାଏ । ପୂଜାମଣ୍ଡପରେ ୧୦ ଗଣ୍ଠି ବିଶିଷ୍ଟ ହଳଦୀ ସୂତାକୁ ମାଆଙ୍କ ପାଖରେ ରଖି ଆବାହନ ଓ ମନ୍ତ୍ରୋଚ୍ଚାରଣ ପୂର୍ବକ ଅଭିମନ୍ତ୍ରିତ କରାଯାଏ । ପୂଜା ଶେଷରେ ମହିଳାମାନେ ପୁରୁଣା ବ୍ରତସୂତାକୁ ଜଳଶୟରେ ବିସର୍ଜନ କରି ନୂତନ ଅଭିମନ୍ତ୍ରିତ ବ୍ରତସୂତ୍ରକୁ ନିଜର ଡାହାଣ ହାତର କଚଟିରେ ବାନ୍ଧିଥାନ୍ତି । ମା ଲକ୍ଷ୍ମୀଙ୍କ ସୁଦଶା ବ୍ରତ କଥା ଓ ମାହାତ୍ମ୍ୟ ପାଠ ଶ୍ରବଣ କରାଯାଏ । ବିଶ୍ୱାସ ରହିଛି ଯେ ଏହି ବ୍ରତ ପାଳନ କରିବା ଦ୍ୱାରା ପରିବାରର ଦୁର୍ଦ୍ଦଶା ଦୂର ହୋଇ 'ସୁଦଶା' ଭଲ ସମୟ ଆସିଥାଏ । ଘରେ ଧନଧାନ୍ୟ, ସୁଖ-ଶାନ୍ତି ଏବଂ ଅଖଣ୍ଡ ସୌଭାଗ୍ୟ ବୃଦ୍ଧି ପାଏ । ଓଡ଼ିଶାର ସନାତନ ସଂସ୍କୃତି ଓ ପରମ୍ପରାରେ ମହିଳାମାନଙ୍କ ଦ୍ୱାରା ହାତରେ ବ୍ରତ ବା ବ୍ରତସୂତା ବାନ୍ଧିବାର ଏକ ସ୍ୱତନ୍ତ୍ର ମହତ୍ୱ ରହିଛି । ସାବିତ୍ରୀ ବ୍ରତ, ଖୁଦୁରୁକୁଣୀ ଓଷା କିମ୍ବା ବିଭିନ୍ନ ପାରମ୍ପରିକ ଓଷା ସମୟରେ ମହିଳାମାନେ ନିୟମନିଷ୍ଠା ସହକାରେ ହାତରେ ବ୍ରତ ଧାରଣ କରିଥାନ୍ତି । ମୁଖ୍ୟତଃ ପତି, ସନ୍ତାନ ଏବଂ ପରିବାରବର୍ଗଙ୍କ ଦୀର୍ଘାୟୁ, ସୁସ୍ଥତା ଏବଂ ମଙ୍ଗଳ କାମନା କରି ମହିଳାମାନେ ଏହି ବ୍ରତ ପାଳନ କରନ୍ତି । ମନ ଓ ଆତ୍ମାକୁ ପବିତ୍ର ରଖିବା ଏବଂ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ଓ ସମର୍ପଣ ଜାଗ୍ରତ କରିବା ଏହାର ଏକ ମୁଖ୍ୟ ଉଦ୍ଦେଶ୍ୟ । ପାରମ୍ପରିକ ରୀତିନୀତିକୁ ବଜାୟ ରଖିବା ଏବଂ ପରିବାରରେ ଧର୍ମଭାବନା ଜାଗ୍ରତ ରଖିବା । ଓଡ଼ିଆ ନାରୀମାନଙ୍କର ତ୍ୟାଗ, ନିଷ୍ଠା, ପତିଭକ୍ତି ଏବଂ ପରିବାର ପ୍ରତି ଦାୟିତ୍ୱବୋଧର ପ୍ରତୀକ ଅଟେ ଏହି ବ୍ରତ । ଏହା ଏକ ପ୍ରାଚୀନ ଲୋକସଂସ୍କୃତି, ଯାହା ମାଆ, ଜେଜେମା ଙ୍କଠାରୁ ଝିଅ ଓ ବୋହୂମାନଙ୍କ ପାଖକୁ ପରମ୍ପରାଗତ ଭାବରେ ଆସିଥାଏ । ବ୍ରତ ଦିନ ସକାଳୁ ଶୀଘ୍ର ଉଠି ସ୍ନାନାଦି ସାରି ଶୁଦ୍ଧ ନୂତନ ବା ପରିଷ୍କାର ବସ୍ତ୍ର ପରିଧାନ କରାଯାଏ । ନିର୍ଦ୍ଦିଷ୍ଟ ଦେବଦେବୀଙ୍କର ଷୋଡ଼ଶୋପଚାରରେ ପୂଜା କରାଯାଏ । ସାଧାରଣତଃ କଚା ସୂତାରେ ହଳଦୀ ଲଗାଇ, ତାହାକୁ ପୂଜାମଣ୍ଡପରେ ଅଭିମନ୍ତ୍ରିତ କରାଯାଇ ଡାହାଣ ହାତର କଚଟିରେ ବନ୍ଧାଯାଏ । ବ୍ରତର ନିୟମ ଅନୁଯାୟୀ ବ୍ରତ କଥା ବା ପୁରାଣ ପାଠ କରାଯାଏ ଶୁଣାଯାଏ, ପ୍ରତ୍ୟେକ ବ୍ରତର ଉଦ୍ଦେଶ୍ୟ ଓ ନିୟମ ଅନୁସାରେ ଏହାର ପୂଜାବିଧି ଏବଂ ସୂତା ବାନ୍ଧିବାର ପ୍ରକ୍ରିୟା ଭିନ୍ନ ହୋଇଥାଏ । ଜ୍ୟେଷ୍ଠ ଅମାବାସ୍ୟା । ପତିଙ୍କ ଦୀର୍ଘାୟୁ ଏବଂ ସୌଭାଗ୍ୟ ପ୍ରାପ୍ତି । ଏହି ଦିନ ମହିଳାମାନେ ସକାଳୁ ସ୍ନାନ କରି ନୂତନ ବସ୍ତ୍ର ଓ ଅଳଙ୍କାରରେ ସଜ୍ଜିତ ହୁଅନ୍ତି । ମା ସାବିତ୍ରୀ ଏବଂ ସତ୍ୟବାନଙ୍କର ଷୋଡ଼ଶୋପଚାରରେ ପୂଜା କରାଯାଏ । ପୂଜା ପରେ ହଳଦୀ ଲଗାଯାଇଥିବା ସାତକାଠିଆ ସୂତା କୁ ପୂଜାମଣ୍ଡପରେ ଅଭିମନ୍ତ୍ରିତ କରାଯାଇ ଡାହାଣ ହାତର କବରିରେ ବନ୍ଧାଯାଏ । ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଜୀଉନ୍ତିଆ ଓଷା । ଭାଇମାନଙ୍କର ମଙ୍ଗଳ, ଦୀର୍ଘାୟୁ ଏବଂ ନିରାପତା । ଭଉଣୀମାନେ ନିର୍ଜଳା ବ୍ରତ ରଖି ମାଆ ଦୁର୍ଗା କିମ୍ବା ଜୀଉନ୍ତିଆ ଦେବୀଙ୍କର ପୂଜା କରନ୍ତି । ପୂଜା ସମୟରେ କଳା କିମ୍ବା ହଳଦୀ ରଙ୍ଗର 'ଜୀଉନ୍ତିଆ ସୂତା' ପୂଜା କରାଯାଏ ।ଏହି ସୂତାକୁ ଭଉଣୀମାନେ ନିଜ ହାତରେ ବାନ୍ଧିବା ସହିତ ଭାଇମାନଙ୍କ ହାତରେ କିମ୍ବା ବେକରେ ଧାରଣ କରାଇଥାନ୍ତି । ଭାଦ୍ରବ ମାସ ଶୁକ୍ଳପକ୍ଷ ତୃତୀୟା । ଅଖଣ୍ଡ ସୌଭାଗ୍ୟ ଏବଂ ସୁଖୀ ଦାମ୍ପତ୍ୟ ଜୀବନ । ମହିଳାମାନେ ଏହି ଦିନ ପ୍ରାତଃସ୍ନାନ ସାରି ଶିବ ଓ ପାର୍ବତୀଙ୍କର ମାଟିରେ ପ୍ରତିମା ନିର୍ମାଣ କରି ପୂଜା କରନ୍ତି । ନିଷ୍ଠାପର ଭାବେ ବ୍ରତ କଥା ଶୁଣିବା ପରେ ହଳଦୀ ଓ କୁଙ୍କୁମ ଲଗାଯାଇଥିବା ପବିତ୍ର ବ୍ରତସୂତାକୁ ହାତରେ ବାନ୍ଧି ଥାନ୍ତି । ପ୍ରତି ମାସର ପୂର୍ଣ୍ଣିମା ବା ଯେକୌଣସି ଶୁଭ ଦିନରେ । ପରିବାରରେ ଶାନ୍ତି, ସମୃଦ୍ଧି ଏବଂ ମାନସିକ ପୂର୍ଣ୍ଣତା । ଭଗବାନ ବିଷ୍ଣୁଙ୍କର ସତ୍ୟନାରାୟଣ ପୂଜା ଏବଂ କଥା ପାଠ କରାଯାଏ । ପୂଜା ଶେଷରେ ପ୍ରସାଦ ସହିତ ଅଭିମନ୍ତ୍ରିତ ରକ୍ଷାସୂତ୍ର ବା ମୌଳୀ ସୂତାକୁ ପରିବାରର ସମସ୍ତ ସଦସ୍ୟଙ୍କ ହାତରେ ବନ୍ଧାଯାଏ । ଏହି ସମସ୍ତ ବ୍ରତ ଓ ଓଷାର ମୂଳ ଲକ୍ଷ୍ୟ ହେଉଛି ମନର ଶୁଦ୍ଧତା, ପରିବାର ପ୍ରତି ଦାୟିତ୍ୱବୋଧ ଏବଂ ଈଶ୍ୱରଙ୍କ ପ୍ରତି ଅଗାଧ ଭକ୍ତି । ବିଭିନ୍ନ ପୁରାଣ ଆଦି ଗ୍ରନ୍ଥରେ ଏହି ବ୍ରତଗୁଡ଼ିକର ଉତ୍ପତି, ମାହାତ୍ମ୍ୟ ଏବଂ ପୂଜାବିଧି ସମ୍ପର୍କ ରେ ବିସ୍ତୃତ ବର୍ଣ୍ଣନା ରହିଛି । ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ପଞ୍ଜିକା ରେ ପ୍ରତିବର୍ଷର ପର୍ବପର୍ବାଣୀ, ଓଷା ଏବଂ ସୂତା ବାନ୍ଧିବାର ପ୍ରକୃତ ସମୟ ବା ଶୁଭଲଗ୍ନ ନିର୍ଣ୍ଣୟ କରାଯାଇଥାଏ । ପ୍ରାଚୀନ ତାଳପତ୍ର ପୋଥି ଓ ଲୋକସାହିତ୍ୟ ଓଡ଼ିଶାରେ ପାରମ୍ପରିକ ଭାବେ ଚାଲିଆସିଥିବା 'ଓଷା ବହି' ଏବଂ ଲୋକକଥା ମାଧ୍ୟମରେ ଏହି ବିଧିଗୁଡ଼ିକ ସୁରକ୍ଷିତ ରହିଛି । ଏହି ବ୍ରତଗୁଡ଼ିକର ମୂଳଦୁଆ ପ୍ରାଚୀନ ବୈଦିକ ଓ ପୌରାଣିକ ଯୁଗରୁ ରହିଛି । ଉଦାହରଣ ସ୍ୱରୂପ, ସାବିତ୍ରୀ ବ୍ରତ ମହାଭାରତ କାଳରୁ ଏବଂ ସତ୍ୟନାରାୟଣ ବ୍ରତ ପୁରାଣ କାଳରୁ ପ୍ରଚଳିତ ବୋଲି ବିଶ୍ୱାସ କରାଯାଏ । ଓଡ଼ିଆ ସମାଜ ଓ ସଂସ୍କୃତିରେ ଏହି ବ୍ରତଗୁଡ଼ିକ ଶହ ଶହ ବର୍ଷ ଧରି କ୍ରମାଗତ ଭାବେ ମହିଳାମାନଙ୍କ ଦ୍ୱାରା ପାଳିତ ହୋଇଆସୁଛି । ଏହା ଓଡ଼ିଆ ନାରୀମାନଙ୍କର ସାଂସ୍କୃତିକ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ । ଓଡ଼ିଶାର ପ୍ରାଚୀନ ଓଷା ବହି, ସାହିତ୍ୟ ଏବଂ ଭାରତର ଅନ୍ୟାନ୍ୟ ରାଜ୍ୟରେ ଏହି ପରମ୍ପରାର ପ୍ରଚଳନ ସମ୍ପର୍କ ରେ ଲୋକସାହିତ୍ୟ ଏବଂ ପ୍ରାଚୀନ ପାଣ୍ଡୁଲିପିରେ ଓଷା ଓ ବ୍ରତଗୁଡ଼ିକର ବିସ୍ତୃତ ବର୍ଣ୍ଣନା ରହିଛି । ଓଡ଼ିଶାର ପ୍ରସିଦ୍ଧ ଓଷା ବହି ଓ ଗ୍ରନ୍ଥଗୁଡ଼ିକ ମଧ୍ୟରେ ରହିଛି, ମା ମଙ୍ଗଳାଙ୍କ ପୂଜା ଏବଂ ଧବଳେଶ୍ୱର , କାଳୀଜାଇ ଆଦି କାହାଣୀକୁ ଆଧାର କରି ଲିଖିତ ପୁସ୍ତକ, ଯେଉଁଥିରେ ବାଲୁଙ୍କେଶ୍ୱର ପୂଜା ଓ ଷୋହଳ ମଙ୍ଗଳବାର ଓଷାର ବିଧି ରହିଥିବାର ଜଣାଯାଏ , ପ୍ରାଚୀନ କାଳରେ ତାଳପତ୍ର ପୋଥିରେ ଏହି ବିଧିଗୁଡ଼ିକ ଲିପିବଦ୍ଧ ଥିଲା । ପରବର୍ତ୍ତୀ ସମୟରେ ପ୍ରେସ ପ୍ରତିଷ୍ଠା ହେବା ପରେ ଗୁପ୍ତା ପ୍ରେସ, କୋହିନୂର ପ୍ରେସ ଏବଂ ଧର୍ମଗ୍ରନ୍ଥ ଷ୍ଟୋରଗୁଡ଼ିକ ପକ୍ଷରୁ 'ବ୍ରତ ଓଷା ମାଳିକା', 'ସାବିତ୍ରୀ ବ୍ରତ କଥା', 'ଜୀଉନ୍ତିଆ ଓଷା କଥା' ଆଦି ପୁସ୍ତକ ପ୍ରକାଶ ପାଇଲା ଯାହା ଘରମାନଙ୍କରେ ଆଜି ମଧ୍ୟ ପଢ଼ାଯାଏ । ଓଡ଼ିଶାର ପୁରାତନ କାବ୍ୟ ଓ ଲୋକଗୀତରେ ନାରୀମାନଙ୍କର ବ୍ରତ ପାଳନ, ସୂତା ବାନ୍ଧିବାର ନୀତି ଏବଂ ସମାଜର ଚିତ୍ର ସୁନ୍ଦର ଭାବେ ଫୁଟିଉଠିଥାଏ । ଓଡ଼ିଶା ପରି ଭାରତର ଅନ୍ୟାନ୍ୟ ରାଜ୍ୟମାନଙ୍କରେ ମଧ୍ୟ ସମାନ କିମ୍ବା ସମଭାବୀ ପରମ୍ପରାରେ ହାତରେ ବ୍ରତ ବା ରକ୍ଷାସୂତ୍ର ବାନ୍ଧିବାର ପ୍ରଥା ରହିଛି ପଶ୍ଚିମବଙ୍ଗ ଓ ଆସାମରେ ସାବିତ୍ରୀ ବ୍ରତ ଏବଂ ବିଭିନ୍ନ ପାରମ୍ପରିକ ଓଷା ସମୟରେ ମହିଳାମାନେ ନିୟମନିଷ୍ଠା ସହକାରେ ବ୍ରତ ଧାରଣ କରିଥାନ୍ତି ।ଉତର ଭାରତ ଏହି ଅଂଚଳଗୁଡ଼ିକରେ 'କରୱା ଚୌଥ୍' 'ହରତାଳିକା ତୃତୀୟା' ଏବଂ 'ଅହୋଇ ଅଷ୍ଟମୀ' ସମୟରେ ମହିଳାମାନେ ପତି ଓ ସନ୍ତାନଙ୍କ ମଙ୍ଗଳ ପାଇଁ ବ୍ରତ ପାଳନ କରନ୍ତି । ଦକ୍ଷିଣ ଭାରତ ରେ 'ବରଲକ୍ଷ୍ମୀ ବ୍ରତମ୍' ସମୟରେ ମହିଳାମାନେ ପୂଜା କରି ହାତରେ କଳସ ସୂତ୍ର ବା ପବିତ୍ର ବ୍ରତ ଧାରଣ କରିଥାନ୍ତି । ସମଗ୍ର ଭାରତବର୍ଷରେ ଭାଇ-ଭଉଣୀଙ୍କ ପ୍ରେମର ପ୍ରତୀକ ଭାବେ ଶ୍ରାବଣ ପୂର୍ଣ୍ଣିମାରେ ହାତରେ 'ରକ୍ଷାସୂତ୍ର' କିମ୍ବା 'ରାଖୀ' ବାନ୍ଧିବାର ପରମ୍ପରା ରହିଛି । ଓଷା ଏବଂ ବ୍ରତଗୁଡ଼ିକ କେବଳ ଧାର୍ମିକ ଅନୁଷ୍ଠାନ ନୁହେଁ, ବରଂ ଏହା ପରିବାର ଓ ସମାଜର ମହିଳାମାନଙ୍କୁ ଗୋଟିଏ ସୂତ୍ରରେ ବାନ୍ଧି ରଖିଥାଏ । ଗାଁ ଗଣ୍ଡାଠାରେ ମା, ଝିଅ , ବୋହୂମାନେ ଏକତ୍ରିତ ହୋଇ ପୂଜା କରିବା ଦ୍ୱାରା ସାମାଜିକ ସମ୍ପର୍କ ଦୃଢ଼ ହୁଏ । ଏହି ପରମ୍ପରାଗୁଡ଼ିକ ମାଧ୍ୟମରେ ପରିବାର ପ୍ରତି କର୍ତ୍ତବ୍ୟବୋଧ, ବୟୋଜ୍ୟେଷ୍ଠଙ୍କ ପ୍ରତି ଆଦର, ତ୍ୟାଗ ଏବଂ ସହନଶୀଳତା ଭଳି ମୂଲ୍ୟବୋଧ ପିଢ଼ିରୁ ପୀଢ଼ିକୁ ସ୍ଥାନାନ୍ତରିତ ହୋଇଥାଏ । ଓଷା ବ୍ରତ ସମୟରେ ଗାୟନ କରାଯାଉଥିବା ଓଷା ଗୀତ, ବ୍ରତ କଥା ଏବଂ ଲୋକକଥାଗୁଡ଼ିକ ଓଡ଼ିଆ ଲୋକସାହିତ୍ୟର ଭଣ୍ଡାରକୁ ଅଧିକ ସମୃଦ୍ଧ କରିଛି ।. ଆଜିର ଡିଜିଟାଲ୍ ଓ କର୍ମବ୍ୟସ୍ତ ଯୁଗରେ ମଧ୍ୟ ଓଡ଼ିଆ ନାରୀମାନେ ନିଜର ପରମ୍ପରାକୁ ଭୁଲିନାହାନ୍ତି । ଚାକିରି ବା ବ୍ୟସ୍ତବହୁଳ ଜୀବନ ମଧ୍ୟରେ ମଧ୍ୟ ସାବିତ୍ରୀ, ଜୀଉନ୍ତିଆ ବା ମଙ୍ଗଳବାର ଓଷାକୁ ସେମାନେ ସମାନ ନିଷ୍ଠା ଓ ଭକ୍ତିର ସହ ପାଳନ କରୁଛନ୍ତି । ଆଧୁନିକତା ଯୋଗୁଁ ବ୍ରତ ବିଧି, ପୂଜା ସାମଗ୍ରୀ କିମ୍ବା ବ୍ରତ କଥା ବର୍ତ୍ତମାନ ମୋବାଇଲ୍ ଆପ୍, ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ପୁସ୍ତକ ମାଧ୍ୟମରେ ମଧ୍ୟ ସହଜରେ ଉପଲବ୍ଧ ହେଉଛି । ଯୁବପିଢ଼ି ଆଧୁନିକ ଶିକ୍ଷିତ ହେଲେ ମଧ୍ୟ ସାଂସ୍କୃତିକ ପର୍ବପର୍ବାଣୀ ଏବଂ ରିତିନୀତି ପ୍ରତି ସେମାନଙ୍କର ଆଗ୍ରହ ଏବେ ବି ଜୀବିତ ରହିଛି, ଯାହା ପରମ୍ପରାକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରୁଛି । ପାରମ୍ପରିକ ଶିକ୍ଷା ଓ ଆଧୁନିକତାର ସନ୍ତୁଳନ ରକ୍ଷା କରି ଯୁବପିଢ଼ିଙ୍କୁ ନିଜର ସଂସ୍କୃତି ସହ ଯୋଡ଼ିବା ଆଜିର ସମୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ପରମ୍ପରା ଆମର ପରିଚୟ ଓ ମୂଳଦୁଆ ହୋଇଥିବା ବେଳେ ଆଧୁନିକତା ଆମକୁ ଆଗକୁ ବଢ଼ିବାର ପ୍ରଗତିଶୀଳ ବାଟ ଦେଖାଇଥାଏ । ପ୍ରାଚୀନ ରୀତିନୀତି, ଓଷା-ବ୍ରତ ବା ପରମ୍ପରା ପଛରେ ଥିବା ବୈଜ୍ଞାନିକ, ସାମାଜିକ ଓ ସ୍ୱାସ୍ଥ୍ୟଗତ କାରଣଗୁଡ଼ିକୁ ଯୁବପିଢ଼ିଙ୍କୁ ବୁଝାଇବା ଆବଶ୍ୟକ । ଯେତେବେଳେ ସେମାନେ 'କାହିଁକି'ର ଉତ୍ତର ପାଆନ୍ତି, ସେମାନେ ପରମ୍ପରାକୁ ଅନ୍ଧବିଶ୍ୱାସ ନଭାବି ଆଦରର ସହ ଗ୍ରହଣ କରନ୍ତି । ବୈଷୟିକ ଜ୍ଞାନକୌଶଳ ଓ ପାଠପଢ଼ା ସହିତ ପରିବାରରେ ଶ୍ରଦ୍ଧା, ସହନଶୀଳତା, ଜ୍ୟେଷ୍ଠଙ୍କୁ ସମ୍ମାନ ଏବଂ ସାମାଜିକ ଦାୟିତ୍ୱବୋଧ ଭଳି ପାରମ୍ପରିକ ମୂଲ୍ୟବୋଧକୁ ଶିଖାଇବା ଉଚିତ । ଆଜିର ଯୁବପିଢ଼ି ମୋବାଇଲ୍ ଓ ସୋସିଆଲ୍ ମିଡିଆରେ ଅଧିକ ସକ୍ରିୟ । ଆମର ପ୍ରାଚୀନ ଲୋକକଥା, ପର୍ବପର୍ବାଣୀ, ପୋଥି ଓ ଇତିହାସକୁ ସୁନ୍ଦର ଭିଡିଓ, ପୋଡକାଷ୍ଟ, କ୍ଷୁଦ୍ର ଚଳଚ୍ଚିତ୍ର ବା ଡିଜିଟାଲ୍ କାହାଣୀ ଆକାରରେ ସେମାନଙ୍କ ପାଖରେ ପହଚାଂଯାଇପାରିବ ।ଘରେ କୌଣସି ପୂଜାବିଧି, ବ୍ରତ ବା ପାରମ୍ପରିକ ଉତ୍ସବ ହେଉଥିଲେ ଯୁବପିଢ଼ିଙ୍କୁ କେବଳ ଦର୍ଶକ ନରଖି ଆୟୋଜନ ଓ ପୂଜା ସାମଗ୍ରୀ ପ୍ରସ୍ତୁତିରେ ସାମିଲ କରାଯିବା ଦରକାର । ନିଜ ଅଂଚଳର ଐତିହାସିକ ସ୍ଥଳ, ପ୍ରାଚୀନ ମନ୍ଦିର, ଓଡ଼ିଶାର ଲୋକକଳା ଏବଂ ପ୍ରାଚୀନ ପୋଥି ସଂଗ୍ରହାଳୟଗୁଡ଼ିକୁ ପରିଦର୍ଶନ କରାଇ ସେମାନଙ୍କ ମନରେ ସାଂସ୍କୃତିକ ଗୌରବ ଜାଗ୍ରତ କରାଯାଇପାରିବ ।

(ଉତ୍କଳ ସମାଚାର ଦୈନିକ ଓଡ଼ିଆ ଖବରକାଗଜ, କେନ୍ଦୁଝର ୯୪୩୭୦୮୬୧୨୨ )

# ଭବିଷ୍ୟତର ସହର ଓ ସାର୍ବଜନୀନ ପରିବହନ

ସାଲିଆ ସାହିର ଗଳିକନ୍ଦିଠାରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ଶ୍ରେଣୀକକ୍ଷ, କର୍ମସ୍ଥଳୀ ଓ ଜନଗହଳିପୂର୍ଣ୍ଣ ରାସ୍ତା ପର୍ଯ୍ୟନ୍ତ 'ଆମ ବସ୍' ସେବା ଆମକୁ ମନେ ପକାଇଦିଏ ଯେ ସାର୍ବଜନୀନ ପରିବହନର ପ୍ରକୃତ ଉଦ୍ଦେଶ୍ୟ ହେଉଛି କେବଳ ଲୋକଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ନୁହେଁ, ବରଂ ସୁଯୋଗ ସୃଷ୍ଟି କରିବା ଓ ଲୋକଙ୍କ ଜୀବନର ମାନ ଉନ୍ନତ କରିବା । କେବଳ ରାସ୍ତାଘାଟ, ଅଟ୍ଟାଳିକା କିମ୍ବା ଫ୍ଲାଏଓଭରକୁ ନେଇ ଗୋଟିଏ ସହରର ପରିଚୟ ଗଢ଼ିଉଠେ ନାହିଁ । ଏହାର ପ୍ରକୃତ ଚରିତ୍ର ପ୍ରତିଫଳିତ ହୁଏ ଏହାର ବାସିନ୍ଦାମାନଙ୍କ ଦୈନନ୍ଦିନ ଯାତ୍ରାରେ । ଜୀବିକା ଅର୍ଜନ ପାଇଁ କର୍ମସ୍ଥଳୀକୁ ଯାଉଥିବା ଜଣେ ଶ୍ରମିକ, କଲେଜକୁ ଯାଉଥିବା ଜଣେ ଛାତ୍ର କିମ୍ବା ଛାତ୍ରୀ, କାମକୁ ଯାଉଥିବା ଜଣେ ମହିଳା କିମ୍ବା ସୁରକ୍ଷିତ ଓ ସୁବିଧାଜନକ ଭାବେ ନିଜ ଗନ୍ତବ୍ୟସ୍ଥଳରେ ପହଚିଂବାକୁ ଚାହୁଁଥିବା ଜଣେ ବୟୋଜ୍ୟେଷ୍ଠ ନାଗରିକ । ସାର୍ବଜନୀନ ପରିବହନ ଏହି ଯାତ୍ରାଗୁଡ଼ିକୁ ବିଭିନ୍ନ ସୁଯୋଗ ସହ ଯୋଡ଼ିଥାଏ, ଜୀବନର ମାନ ବଢ଼ାଏ ଏବଂ ସହରକୁ ଅଧିକ ସମାବେଶୀ କରିଥାଏ । ଓଡ଼ିଶାର ସହରାଂଚଳଗୁଡ଼ିକର କ୍ରମାଗତ ବିକାଶ ସହିତ, ଆଗାମୀ ଦିନର ସହର ଗଠନରେ ସାର୍ବଜନୀନ ପରିବହନର ଗୁରୁତ୍ୱ ବଢ଼ିଚାଲିଛି । କମ୍ପ୍ରିହେନ୍ସିଭ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ୍) ରେ 'ଆମ ବସ୍' ଓ 'ଓଡ଼ିଶା ଯାତ୍ରୀ'କୁ ନେଇ ଆମର ଦୃଷ୍ଟିକୋଣ କେବଳ ଯାତାୟାତ ସେବା ଯୋଗାଇବାରେ ସୀମିତ ନୁହେଁ । ଆମର ଲକ୍ଷ୍ୟ ହେଉଛି ଏପରି ଏକ ଜନକୈନ୍ଦ୍ରିକ ପରିବହନ ବ୍ୟବସ୍ଥା ଗଢ଼ିବା, ଯାହା ସୁନିଶ୍ଚିତ କରିବ ଯେ ସହରାଂଚଳ ବିକାଶର ସୁଫଳ ସମାଜର ପ୍ରତ୍ୟେକ ବର୍ଗ ନିକଟରେ ପହଚିଂବ । ସହର ବିକାଶର ଦିଗ ନିର୍ଦ୍ଧାରଣ କରିବାରେ ପରିବହନର ଏକ ନିର୍ଣ୍ଣାୟକ ଭୂମିକା ରହିଛି । ଲୋକମାନେ କେଉଁଠି ବାସ କରିବେ, ବ୍ୟବସାୟ କେଉଁଠି ଚାଲିବ ଏବଂ ଲୋକସମୁଦାୟ କେତେ ସହଜରେ ବିଦ୍ୟାଳୟ, ଡାକ୍ତରଖାନା, ବଜାର ଓ କର୍ମସ୍ଥଳୀରେ ପହଚିଂ ପାରିବେ, ଏସବୁ ଉପରେ ଏହାର ପ୍ରଭାବ ପଡ଼େ । ବ୍ୟକ୍ତିଗତ ଯାନବାହନ ଉପରେ ଅତ୍ୟଧିକ ନିର୍ଭରଶୀଳତା, ପାର୍କିଂ ସମସ୍ୟା ଓ ପରିବେଶଜନିତ ଆହ୍ୱାନକୁ ବଢ଼ାଇଥାଏ । ଅନ୍ୟପକ୍ଷରେ, ଏକ ଦକ୍ଷ ସାର୍ବଜନୀନ ପରିବହନ ନେଟୱର୍କ ବିଭିନ୍ନ ଅଂଚଳକୁ ଆର୍ଥିକ ଓ ସାମାଜିକ ସୁଯୋଗ ସହ ଯୋଡ଼ିବା ସହିତ ସ୍ଥାୟୀ ସହରାଂଚଳ ବିକାଶକୁ ପ୍ରୋତ୍ସାହିତ କରେ । ଭୁବନେଶ୍ୱର ପରି ଦ୍ରୁତ ବଢ଼ୁଥିବା ସହର ପାଇଁ ଏପରି ସୁଗମ ସାର୍ବଜନୀନ ପରିବହନ ଅତ୍ୟାବଶ୍ୟକ, ଯାହା ଯାତାୟାତକୁ ସୁବିଧାଜନକ, ସୁଲଭ ଓ ପରିବେଶ ପ୍ରତି ଦାୟିତ୍ୱଶୀଳ କରିପାରିବ । ସାର୍ବଜନୀନ ପରିବହନର ପ୍ରଭାବକୁ ସାଧାରଣ ଯାତ୍ରୀଙ୍କ ଜୀବନ ମାଧ୍ୟମରେ ସବୁଠାରୁ ଭଲଭାବେ ବୁଝିହୁଏ । ଭୁବନେଶ୍ୱରର ସାଲିଆ ସାହିରେ ରହୁଥିବା ଦୈନିକ ମଜୁରିଆ ଓ କର୍ମଜୀବୀ ପରିବାରଗୁଡ଼ିକର କଥା ଥରେ ଚିନ୍ତା କରନ୍ତୁ । ଅନେକଙ୍କ ପାଇଁ ପ୍ରତିଦିନ କାମକୁ ଯିବା ଏକ ଅନିବାର୍ଯ୍ୟ ଆବଶ୍ୟକତା । ଯାତାୟାତ ଖର୍ଚ୍ଚ ବାବଦକୁ ସଂଚୟ ହେଉଥିବା ପ୍ରତ୍ୟେକ ଟଙ୍କା ପରିବାରର ମାସିକ ବଜେଟରେ ଗୁରୁତ୍ୱପୂର୍ଣ୍ଣ ଫରକ ଆଣିପାରେ । 'ଆମ ବସ୍'ର ସୁଲଭ ଭଡ଼ାର ସେବା ଏହାର ନିର୍ଦ୍ଧାରିତ ମାର୍ଗରେ ଥିବା କର୍ମସ୍ଥଳୀ ଓ ଅନ୍ୟାନ୍ୟ ଗନ୍ତବ୍ୟସ୍ଥଳକୁ ଯିବାପାଇଁ ଏକ ସୁଗମ ମାଧ୍ୟମ ଯୋଗାଇଥାଏ । ଯାତାୟାତ ଖର୍ଚ୍ଚ ପରିଚାଳନା କରିବା ଓ ରୋଜଗାରର ସୁଯୋଗ ପାଖରେ ପହଚିଂବାରେ ଶ୍ରମିକମାନଙ୍କୁ ସହାୟତା କରି ଏହି ସେବାଗୁଡ଼ିକ ନିୟମିତ ଆୟ ଉପରେ ନିର୍ଭରଶୀଳ ପରିବାରଗୁଡ଼ିକର ଜୀବନକୁ ଅଧିକ ସହଜ କରିଥାଏ । ସୁଗମ ସାର୍ବଜନୀନ ପରିବହନ ବ୍ୟବସ୍ଥାର ଅନ୍ୟତମ ପ୍ରମୁଖ ହିତାଧିକାରୀ ହେଉଛନ୍ତି ଛାତ୍ରଛାତ୍ରୀ । ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଦୈନନ୍ଦିନ ଯାତାୟାତ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଂଶ । 'ଆମ ବସ୍' ଏହାର ନିର୍ଦ୍ଧାରିତ ମାର୍ଗରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଯିବାପାଇଁ ତୁଳନାତ୍ମକ ଭାବେ କମ୍ ଖର୍ଚ୍ଚରେ ଏକ ସୁବିଧାଜନକ ବିକଳ୍ପ ଯୋଗାଇଥାଏ, ଯାହା ପରିବାରଗୁଡ଼ିକୁ ନିୟମିତ ଯାତାୟାତ ଖର୍ଚ୍ଚ ପରିଚାଳନା କରିବାରେ ସହାୟତା କରେ । ବସ୍ ?ରେ ଯାତ୍ରା ହୁଏତ ଏକ ସାଧାରଣ ଘଟଣା ପରି ଲାଗିପାରେ, କିନ୍ତୁ ଶ୍ରେଣୀକକ୍ଷ ଅଭିମୁଖେ ଯାଉଥିବା ଜଣେ ଯୁବକ ବା ଯୁବତୀଙ୍କ ପାଇଁ ଏହା ଜ୍ଞାନ, ଆତ୍ମବିଶ୍ୱାସ ଓ ଉନ୍ନତ ଭବିଷ୍ୟତ ସହ ଯୋଡ଼ି ହେବାର ଏକ ମାଧ୍ୟମ । ମହିଳା ଓ ବୟୋଜ୍ୟେଷ୍ଠ ନାଗରିକଙ୍କ ପାଇଁ ଅଧିକ ସୁରକ୍ଷିତ ଓ ସମ୍ମାନଜନକ ଯାତାୟାତ ସୁନିଶ୍ଚିତ କରିବାରେ ମଧ୍ୟ ସାର୍ବଜନୀନ ପରିବହନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳାମାନେ ଆତ୍ମବିଶ୍ୱାସର ସହ କର୍ମସ୍ଥଳୀ, ଶିକ୍ଷାନୁଷ୍ଠାନ ଓ ସାର୍ବଜନୀନ ସ୍ଥାନକୁ ଯାତାୟାତ କରିପାରିବା ଆବଶ୍ୟକ । ସେହିପରି ବୟସ୍କ ଯାତ୍ରୀମାନଙ୍କୁ ସ୍ୱଷ୍ଟ ସୂଚନା, ସହାନୁଭୂତିପୂର୍ଣ୍ଣ ସହାୟତା ଓ ଆରାମଦାୟକ ଭାବେ ବସ୍ରେ ଚଢ଼ିବାର ସୁବିଧା ମିଳିବା ଦରକାର । ସିସିଟିଭି ନିରୀକ୍ଷଣ, ଡିଜିଟାଲ୍ ସୂଚନା ବ୍ୟବସ୍ଥା ଓ ଦାୟିତ୍ୱପୂର୍ଣ୍ଣ ପରିଚାଳନା ଯାତ୍ରାକୁ ଅଧିକ ନିର୍ଭରଯୋଗ୍ୟ ଓ ଆଶ୍ୱସ୍ତିଦାୟକ କରିପାରେ । ତେବେ, ସୁରକ୍ଷା କେବଳ ଭିତିଭୂମି ଓ ପ୍ରଯୁକ୍ତି ଉପରେ ନିର୍ଭର କରେନାହିଁ, ସତର୍କ ଗାଡ଼ିଚାଳନା, ଯାତ୍ରୀଙ୍କ ପ୍ରତି ଯତ୍ନଶୀଳ କର୍ମଚାରୀ ଏବଂ ପ୍ରତ୍ୟେକ ଯାତ୍ରୀଙ୍କୁ ସମ୍ମାନ ଦେବାର ସଂସ୍କୃତି ମଧ୍ୟ ସେତିକି ଜରୁରି । ଏହା ମୋତେ ସାର୍ବଜନୀନ ପରିବହନର ଏକ ବିଶେଷ ଦିଗକୁ ନେଇଯାଏ, ଯାହାକୁ ମୁଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରେ । ଏହାର ମାନବୀୟ ଦିଗ ହେଉଛି, କ୍ରୁଟ୍‌ରେ ଆମ କର୍ମଚାରୀମାନେ କେବଳ ଚାଳକ, କଣ୍ଡକ୍ଟର ବା ପରିଚାଳନା କର୍ମୀ ନୁହନ୍ତି । ଆମ ସେବା ଉପରେ ନିର୍ଭର କରୁଥିବା ଲୋକଙ୍କ ପାଇଁ ସେମାନେ ମାର୍ଗଦର୍ଶକ ଓ ସହାୟକ ମଧ୍ୟ । କୌଣସି ମାର୍ଗ ବିଷୟରେ ଅଜ୍ଞାତ ଥିବା ଜଣେ ଛାତ୍ରଛାତ୍ରୀ, ସହାୟତା ଆବଶ୍ୟକ କରୁଥିବା ଜଣେ ବୟସ୍କ ବ୍ୟକ୍ତି କିମ୍ବା ପ୍ରଥମଥର ପାଇଁ ବସ୍ରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କୁ ହୁଏତ କେବଳ ସାମାନ୍ୟ ମାର୍ଗଦର୍ଶନ ଦରକାର ହୋଇପାରେ, କିନ୍ତୁ ସେହି ସହାୟତା ତାଙ୍କର ଯାତ୍ରା ଅନୁଭୂତିକୁ ଅନେକ ଭାବରେ ଉନ୍ନତ କରିପାରେ । ମୁଁ ଦୃଢ଼ଭାବେ ବିଶ୍ୱାସ କରେ ଯେ ପ୍ରତ୍ୟେକ ଯାତ୍ରୀଙ୍କୁ ଧୈର୍ଯ୍ୟ, ମର୍ଯ୍ୟାଦା ଓ ସମ୍ମାନର ସହ ବ୍ୟବହାର କରାଯିବା ଉଚିତ । କର୍ମଚାରୀଙ୍କ ଶିଷ୍ଟାଚାର, ସହାୟତା କରିବାର ମନୋଭାବ ଏବଂ ଯାତ୍ରୀମାନଙ୍କ ସମସ୍ୟା ଓ ଉଦ୍‌ବେଗକୁ ମନଦେଇ ଶୁଣିବାର କ୍ଷମତା ଆଦି ସାର୍ବଜନୀନ ବିଶ୍ୱାସ ଗଢ଼ିବାରେ ଅତ୍ୟାବଶ୍ୟକ । ପ୍ରଯୁକ୍ତିବିଦ୍ୟା କେବଳ ସୂଚନା ଯୋଗାଇପାରେ, କିନ୍ତୁ ମାନବୀୟ ସମ୍ବେଦନଶୀଳତା ଆତ୍ମବିଶ୍ୱାସ ସୃଷ୍ଟି କରିପାରିବ ନାହିଁ । ଆମକୁ ଏହି ସେବାମୂଳକ ସଂସ୍କୃତିକୁ ଆହୁରି ସୁଦୃଢ଼ କରିଚାଲିବାକୁ ହେବ, ଯାହାଦ୍ୱାରା ପ୍ରତ୍ୟେକ ଯାତ୍ରୀ ଯାତ୍ରାର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନିଜକୁ ସମ୍ମାନିତ ଓ ସହାୟତାପ୍ରାପ୍ତ ମନେ କରିବେ । ସ୍ଥାୟୀ ସହର ଗଠନରେ ମଧ୍ୟ ସାର୍ବଜନୀନ ପରିବହନର ଭୂମିକା ମହତ୍ତ୍ୱପୂର୍ଣ୍ଣ । ଯେତେବେଳେ ନିର୍ଭରଯୋଗ୍ୟ ବସ୍ ସେବା ଲୋକଙ୍କୁ ବ୍ୟକ୍ତିଗତ ଯାନବାହନ ପରିବର୍ତ୍ତେ ସାମୂହିକ ପରିବହନ ଆପଣାଇବାକୁ ଉତ୍ସାହିତ କରେ, ସେତେବେଳେ ଏହା ମାତ୍ରାଧିକ ଯାନବାହନ ଚଳାଚଳ ହ୍ରାସ କରିବା ଓ ପ୍ରତି ଯାତ୍ରୀ ପିଛା ନିର୍ଗତ ପ୍ରଦୂଷଣ କମାଇବାରେ ସହାୟକ ହୋଇପାରେ । ବିଦ୍ୟୁତ୍‌ଚାଳିତ ବସ୍ ସମେତ ସ୍ୱଚ୍ଛ ପ୍ରଯୁକ୍ତିର ବ୍ୟବହାର ଯାନରୁ ନିର୍ଗତ ପ୍ରଦୂଷଣ କମାଇବା ଓ ସହରାଂଚଳ ବାୟୁର ଗୁଣବତ୍ତା ଉନ୍ନତ କରିବା ପାଇଁ ଅଧିକ ସୁଯୋଗ ସୃଷ୍ଟିକରେ । ତେବେ, ସ୍ଥାୟିତ୍ୱ ପାଇଁ ସେବାଗୁଡ଼ିକ ଦୀର୍ଘକାଳୀନ ଭାବେ ସୁଲଭ, ନିର୍ଭରଯୋଗ୍ୟ ଓ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛ ରହିବାଯୋଗ୍ୟ ମଧ୍ୟ ହେବା ଆବଶ୍ୟକ । ସୁବିଧାରେ ସାଲିସ୍ ନକରି ଲୋକଙ୍କୁ ବ୍ୟକ୍ତିଗତ ଯାନବାହନର ଏକ ବ୍ୟାବହାରିକ ବିକଳ୍ପ ଯୋଗାଇଦେବା ଦରକାର । ଆବାସିକ ଅଂଚଳଗୁଡ଼ିକୁ କାର୍ଯ୍ୟାଳୟ, ବଜାର, ବାଣିଜ୍ୟିକ କେନ୍ଦ୍ର ଓ ଅନ୍ୟାନ୍ୟ କର୍ମସ୍ଥଳୀ ସହ ଯୋଡ଼ି ବସ୍, ଲୋକମାନଙ୍କୁ ସହରର ଅର୍ଥନୈତିକ କାର୍ଯ୍ୟକଳାପରେ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବାର ସୁଯୋଗ ଦିଏ । ସୁଲଭ ଯାତାୟାତ ନିଯୁକ୍ତି ସୁଯୋଗର ପରିସର ବଢ଼ାଇପାରେ, କ୍ଷୁଦ୍ର ବ୍ୟବସାୟକୁ ସହାୟତା କରିପାରେ ଏବଂ ବ୍ୟକ୍ତିଗତ ଯାନ କିଣିବାକୁ ସକ୍ଷମ ନଥିବା ଲୋକଙ୍କ ପାଇଁ ନୂତନ ସୁଯୋଗ ମଧ୍ୟ ସୃଷ୍ଟି କରିପାରେ । ତେଣୁ ସାର୍ବଜନୀନ ପରିବହନକୁ କେବଳ ଏକ ଭିତିଭୂମି ସେବା ଭାବେ ନୁହେଁ, ବରଂ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଏକ ନିବେଶ ଭାବେ ଦେଖାଯିବା ଉଚିତ । ଆମେ ଯେତେବେଳେ ଆଗାମୀ ଦିନର ସହରଗୁଡ଼ିକ ବିଷୟରେ ଚିନ୍ତା କରୁଛୁ, ସେତେବେଳେ ସଫଳତାକୁ କେବଳ କେତୋଟି ବସ୍ ଚାଲୁଛି କିମ୍ବା କେତେ ଯାତ୍ରୀ ଯାତ୍ରା କରୁଛନ୍ତି, ତାହା ଆଧାରରେ ମାପିବା ଉଚିତ ନୁହେଁ । ଆମ ସେବା ଲୋକଙ୍କ ଜୀବନରେ କେତେ ପରିବର୍ତ୍ତନ ଆଣୁଛି, ତାହା ମଧ୍ୟ ମୂଲ୍ୟାୟନର ମୁଖ୍ୟ ମାପଦଣ୍ଡ ହେବା ଦରକାର । ନିର୍ଭରଯୋଗ୍ୟ ଯାତ୍ରା, ସୁଲଭ ଭଡ଼ା, ସୁରକ୍ଷିତ ଯାତାୟାତ, ସହଯୋଗୀ କର୍ମଚାରୀ ଏବଂ ଅତ୍ୟାବଶ୍ୟକ ଗନ୍ତବ୍ୟସ୍ଥଳକୁ ସୁବିଧାଜନକ ପହଂଚ, ଏସବୁ ଆମର ପ୍ରୟାସର କେନ୍ଦ୍ରରେ ରହିବା ଉଚିତ । ଯାତ୍ରୀମାନଙ୍କ କଥା ଶୁଣିବା ଓ ସେମାନଙ୍କ ଅନୁଭୂତିରୁ ଶିଖିବା ପାଇଁ ଆମ ସେବାକୁ ନିରନ୍ତର ଉନ୍ନତ କରିବା ଅତ୍ୟାବଶ୍ୟକ । ଓଡ଼ିଶାର ସହରଗୁଡ଼ିକର ଭବିଷ୍ୟତ ଏହା ଉପରେ ନିର୍ଭର କରିବ ଯେ, ଆମେ ପରିବେଶର ସୁରକ୍ଷା ଓ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବା ସହିତ ଲୋକମାନଙ୍କୁ ସୁଯୋଗ ସହ କେତେ ଦକ୍ଷତାର ସହ ଯୋଡ଼ିପାରୁଛୁ । 'ଆମ ବସ୍' ଏହି ବୃହତ୍ତର ଯାତ୍ରାର ଏକ ଅଂଶ । ସାଲିଆ ସାହିରୁ କର୍ମସ୍ଥଳୀକୁ ଯାଉଥିବା ପ୍ରତ୍ୟେକ ଶ୍ରମିକ, ଶ୍ରେଣୀକକ୍ଷ ଅଭିମୁଖେ ଯାଉଥିବା ପ୍ରତ୍ୟେକ ଛାତ୍ରଛାତ୍ରୀ ଏବଂ ସହାୟତା ପାଉଥିବା ପ୍ରତ୍ୟେକ ବୟୋଜ୍ୟେଷ୍ଠ ଯାତ୍ରୀ ଆମକୁ ମନେପକାଇ ଦିଅନ୍ତି ଯେ, ସାର୍ବଜନୀନ ପରିବହନ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ । ପରିଶେଷରେ, ସାର୍ବଜନୀନ ପରିବହନର ପ୍ରକୃତ ମୂଲ୍ୟାୟନ କେବଳ ଏହା ନୁହେଁ ଯେ, ଗୋଟିଏ ବସ୍ କେତେଦୂର ଯାଏ, ବରଂ ଏହା ଲୋକମାନଙ୍କୁ ଜୀବନରେ କେତେ ଆଗକୁ ବଢ଼ିବାରେ ସାହାଯ୍ୟ କରେ, ତାହା ହିଁ ଏହାର ପ୍ରକୃତ ମାପଦଣ୍ଡ । ଯାତ୍ରାକୁ ଅଧିକ ସୁଗମ, ସୁଲଭ, ସୁରକ୍ଷିତ ଓ ମାନବୀୟ କରି ଆମେ କେବଳ ଯାତାୟାତ ବ୍ୟବସ୍ଥାର ଉନ୍ନତି କରିପାରିବୁ ନାହିଁ, ବରଂ ଆଗାମୀ ପିଢ଼ି ପାଇଁଅଧିକ ନ୍ୟାୟସଙ୍ଗତ, ସ୍ଥାୟୀ ଓ ବାସଯୋଗ୍ୟ ସହର ଗଢ଼ିବାରେ ମଧ୍ୟ ସହାୟତା କରିପାରିବୁ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003







# ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟରେ ସାଧୁତାର ଶପଥ ପାଠ



ସମ୍ବଲପୁର,୨୭/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଆଜି ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଏକତ୍ରିତ ହୋଇ 'ନାଗରିକଙ୍କ ପାଇଁ ସାଧୁତାର ଶପଥ' ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସୁଧାଂଶୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ଅଶୋକ କୁମାର ଭୋଇ, ଡେପୁଟି କଲେକ୍ଟରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ସରକାରୀ ସେବାରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଗଠନ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ପ୍ରତିଜ୍ଞାରେ ଦୁର୍ନୀତିକୁ ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଏକ ବଡ଼ ପ୍ରତିବନ୍ଧକ ବୋଲି ଉଲ୍ଲେଖ କରାଯାଇଥିଲା। ଏହାର ମୂଳୋତ୍ପାଟନ ପାଇଁ ସରକାର, ନାଗରିକ ଓ ଘରୋଇ କ୍ଷେତ୍ରକୁ ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି କୁହାଯାଇଥିଲା। ଅଧିକାରୀ ଓ କର୍ମଚାରୀମାନେ ସତର୍କତା ଓ ସତ୍ୟନିଷ୍ଠାର ସହ ଦୁର୍ନୀତି ବିରୋଧରେ ଲଢ଼ିବା, ଆଇନର ଶାସନକୁ ପାଳନ କରିବା ଏବଂ ଲାଂଚ ନ ଦେବା କିମ୍ବା ନ ନେବାକୁ ଶପଥ ନେଇଥିଲେ। ନିଜ ଦାୟିତ୍ୱକୁ ନିଷ୍ଠା ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବା, ଜନସାଧାରଣଙ୍କ ହିତରେ କାର୍ଯ୍ୟ କରିବା ଓ ବ୍ୟକ୍ତିଗତ ଆଚରଣରେ ସାଧୁତା ବଜାୟ ରଖିବାକୁ ମଧ୍ୟ ସେମାନେ ପ୍ରତିଜ୍ଞା କରିଥିଲେ। ଦୁର୍ନୀତି ସମ୍ପର୍କିତ କୌଣସି ଘଟଣା ଦୃଷ୍ଟିକୁ ଆସିଲେ ତାହା ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ମଧ୍ୟ ଶପଥ ନିଆଯାଇଥିଲା।

# ବାତ୍ୟା 'ଅର୍ଣ୍ଣବ' ମୁକାବିଲା ପାଇଁ ଟିପିଡବ୍ଲୁଓଡିଏଲ୍ ପ୍ରସ୍ତୁତ

ସମ୍ବଲପୁର,୨୭/୧୦(ନି/ପ୍ର): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ପଶ୍ଚିମ ଓଡ଼ିଶାରେ ବିଦ୍ୟୁତ୍ ଭିତିଭୂମିର ସୁରକ୍ଷା, ଉପଭୋକ୍ତାଙ୍କ ନିରାପତା ଏବଂ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେଲେ ଶୀଘ୍ର ପୁନରୁଦ୍ଧାର ପାଇଁ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ଏହାର ବ୍ୟବସାୟିକ ନିରନ୍ତରତା ଓ ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ସକ୍ରିୟ କରିଛି। କର୍ମଚାରୀ, ଜରୁରୀ ଉପକରଣ ଓ ଆବଶ୍ୟକ ସାମଗ୍ରୀକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ପ୍ରତିକୂଳ ପାଗରେ ବିଦ୍ୟୁତ୍ ନେଟୱର୍କ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ୮,୬୫୮ ଜଣ କର୍ମଚାରୀଙ୍କୁ ପ୍ରସ୍ତୁତ ରଖାଯାଇଛି। ଏଥିରେ ୭,୬୭୫ ଜଣ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିଭିତ୍ତିକ (ଏଏମ୍‌ସି) କର୍ମଚାରୀ ଏବଂ ଟିପିଡବ୍ଲୁଓଡିଏଲ୍‌ର ୯୮୩ ଜଣ କର୍ମଚାରୀ ଅଛନ୍ତି। ବିଦ୍ୟୁତ୍ ସରବରାହ ପୁନରୁଦ୍ଧାର ପାଇଁ ଅତିରିକ୍ତ ୯୭୩ ଜଣ ଦକ୍ଷ ଓ ଅଣଦକ୍ଷ ପ୍ରକଳ୍ପ କର୍ମଚାରୀଙ୍କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ଭୁବନେଶ୍ୱର ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ସମ୍ଭାବ୍ୟ ପ୍ରଭାବିତ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ଉଦ୍ଧାର ଓ ପୁନରୁଦ୍ଧାର ଦଳ ମୁତୟନ କରାଯାଇଛି। ଜରୁରୀ ପରିସ୍ଥିତିରେ ବିଦ୍ୟୁତ୍ ସରବରାହ ଶୀଘ୍ର ସ୍ୱାଭାବିକ କରିବାକୁ ୮ଟି ମୋବାଇଲ୍ ଡିଷ୍ଟ୍ରିବ୍ୟୁସନ୍ ସବ୍‌ଷ୍ଟେସନ୍, ୧୭ଟି ଡିଜେଲ୍ ଜେନେରେଟର୍ ସେଟ୍, ଗଛର ଡାଳ କାଟିବା ପାଇଁ ୬୨୬ଟି ହାତଚାଳିତ ଓ ମୋଟରଚାଳିତ ଉପକରଣ ଏବଂ ୩୨୪ଟି ଯାନ ପ୍ରସ୍ତୁତ ରଖାଯାଇଛି। ଏଥିସହ ୬୨୧ଟି ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର, ୧୦ଟି ପାୱାର୍ ଟ୍ରାନ୍ସଫର୍ମର, ୧୦,୯୫୦ଟି ବିଦ୍ୟୁତ୍ ଖୁଣ୍ଟି ଏବଂ ଆବଶ୍ୟକ ପରିମାଣର ତାର, କେବୁଲ୍ ଓ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ ରହିଛି। ବୁର୍ଲାସ୍ଥିତ କେନ୍ଦ୍ରୀୟ ପାୱାର୍ ସିଷ୍ଟମ୍ କଣ୍ଟ୍ରୋଲ୍ ସେଣ୍ଟର୍ (ପିଏସ୍‌ସିସି) ୨୪ ଘଣ୍ଟା ବିଦ୍ୟୁତ୍ ନେଟୱର୍କ ଉପରେ ନଜର ରଖିବା ସହ ଜରୁରୀ ପଦକ୍ଷେପର ସମନ୍ୱୟ କରିବ। ବଲାଙ୍ଗୀର ଓ କଳାହାଣ୍ଡିର ଆଞ୍ଚଳିକ ନିୟନ୍ତ୍ରଣ କେନ୍ଦ୍ର ଏବଂ ବିଭାଗୀୟ ନିୟନ୍ତ୍ରଣ କକ୍ଷ ମଧ୍ୟ ସକ୍ରିୟ ରହିବ। ଜରୁରୀ ସମୟରେ ଯୋଗାଯୋଗ ଅବ୍ୟାହତ ରଖିବାକୁ ମୁଖ୍ୟ ଅଧିକାରୀମାନଙ୍କୁ ସାଟେଲାଇଟ୍ ଫୋନ୍ ଯୋଗାଇ ଦିଆଯାଇଛି। ବିଦ୍ୟୁତ୍ ସମସ୍ୟା ସମ୍ପର୍କରେ ଅଭିଯୋଗ ପାଇଁ



ଉପଭୋକ୍ତାମାନେ ୨୪ ଘଣ୍ଟିଆ ଟୋଲ୍-ଫ୍ରି ନମ୍ବର ୧୯୧୨ ଓ ୧୮୦୦-୨୦୨୮ରେ ଯୋଗାଯୋଗ କରିପାରିବେ। କମ୍ପାନୀର ୱେବ୍‌ସାଇଟ୍, ମାଇ ଟାଟା ପାୱାର୍ ଆପ୍, ହ୍ୱାଟ୍ସଆପ୍, ଆଇଭିଆରଏସ୍ ଏବଂ ୯୭୭୭୭୭୪୫୧୧ ନମ୍ବରକୁ ମିସ୍‌ଡ୍‌କଲ୍ ଦେଇ ମଧ୍ୟ ଅଭିଯୋଗ ଜଣାଇହେବ। ବିଦ୍ୟୁତ୍ ବିଭ୍ରାଟ ସମ୍ପର୍କିତ ସୂଚନା କମ୍ପାନୀର 'ଏକ୍ସ' ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ ମଧ୍ୟ ଦିଆଯିବ। ଟିପିଡବ୍ଲୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, "ବାତ୍ୟା 'ଅର୍ଣ୍ଣବ' ଆସୁଥିବାରୁ ଜନସାଧାରଣଙ୍କ ସୁରକ୍ଷା ଏବଂ ବିଦ୍ୟୁତ୍ ବିଭ୍ରାଟକୁ ସର୍ବନିମ୍ନ ରଖିବା ଆମର ପ୍ରାଥମିକତା। ଆଗୁଆ ଯୋଜନା ଓ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଆମର କର୍ମଚାରୀ, ଉପକରଣ ଓ ଆବଶ୍ୟକ ସାମଗ୍ରୀ ପ୍ରସ୍ତୁତ ରହିଛି। ଯେଉଁଠାରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହେବ, ସେଠାରେ ଯଥାଶୀଘ୍ର ସେବା ସ୍ୱାଭାବିକ କରିବାକୁ ଆମେ ସମସ୍ତ ପ୍ରୟାସ କରିବୁ।" ବର୍ଷା ଓ ଜଳବନ୍ଦୀ ସମୟରେ ବିଦ୍ୟୁତ୍ ଖୁଣ୍ଟି, ତାର କିମ୍ବା ଯନ୍ତ୍ରପାତି ନ ଛୁଇଁବାକୁ ଏବଂ ଓଦା ହାତରେ କିମ୍ବା ପାଣିରେ ଠିଆ ହୋଇ ବିଦ୍ୟୁତ୍ ଉପକରଣ ବ୍ୟବହାର ନ କରିବାକୁ କମ୍ପାନୀ ଉପଭୋକ୍ତାଙ୍କୁ ପରାମର୍ଶ ଦେଇଛି। ପ୍ରବଳ ପବନ ସମୟରେ ଘର ଭିତରେ ରହିବା ସହ ଗଛ ଓ ଅସ୍ଥାୟୀ ସଂରଚନାଠାରୁ ଦୂରେଇ ରହିବାକୁ କୁହାଯାଇଛି। ପିଲାମାନଙ୍କୁ ଖୋଲା ଡ୍ରେନ୍ ଓ ଜଳବନ୍ଦୀ ଅଞ୍ଚଳଠାରୁ ଦୂରେଇ ରଖିବାକୁ ମଧ୍ୟ ଅଭିଭାବକଙ୍କୁ ଅନୁରୋଧ କରାଯାଇଛି। ଜନସୁରକ୍ଷା, ବିଦ୍ୟୁତ୍ ନେଟୱର୍କର ସ୍ଥିରତା ଏବଂ ବିଦ୍ୟୁତ୍ ସରବରାହର ଶୀଘ୍ର ପୁନରୁଦ୍ଧାର ପାଇଁ ଟିପିଡବ୍ଲୁଓଡିଏଲ୍ ପ୍ରତିବଦ୍ଧ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଜବାହର ନଗରରେ ଗଜଲକ୍ଷ୍ମୀ ପୂଜା

ଝାରସୁଗୁଡ଼ା,୨୭/୧୦(ନି/ପ୍ର): ବ୍ରଜରାଜନଗର ସହରାଂଚଳରେ ଜବାହର ନଗର କଲୋନୀରେ ହେଉଥିବା ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ରବିବାର ସକାଳ ୧୦ ଟା ସମୟରେ ସ୍ଥାନୀୟ ମଣ୍ଡଳୀୟ ଜଳାଶୟ ରୁ ୧୦୮ କଳସ ଧାରି ଏକ ଶୋଭାଯାତ୍ରା ରେ କଳସ ଧାରଣ କରି ପୂଜା ମଣ୍ଡପ ପର୍ଯ୍ୟନ୍ତ ଆଣିଥିଲେ। ପଣ୍ଡିତ ଦାମୋଦର ସେନାପତି ମୁଖ୍ୟ ପୂଜକ ଭାବରେ ପୂଜା କାର୍ଯ୍ୟ ପାଇଁ କରିଥିଲେ। ରବିବାର ଠାରୁ ଆରମ୍ଭ ହୋଇଥିବା ପୂଜା ୬ ଦିନ ଧାରି ଚାଲିବ ଓ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ଚଳିତ ବର୍ଷ ଗୋବିନ୍ଦ ସାହୁ ସଭାପତି, ପ୍ରଭାତ ପ୍ରଧାନ ସମ୍ପାଦକ ଓ ଦୀପକ ନାୟକ ଉପସଭାପତି ଭାବରେ ଦାୟିତ୍ୱ ରେ ଅଛନ୍ତି। ସନ୍ଧ୍ୟାରେ ମା ଙ୍କ ଦର୍ଶନ ପାଇଁ ପ୍ରବଳ ଭିଡ ଦେଖାଦେଇଥିଲା।

# ରୁକ୍ମଣୀ ଲାଠ ବାଲନିକେତନରେ ପ୍ରଭାବତୀ ଦେବୀଙ୍କ ତିରୋଧାନ ଦିବସ ପାଳିତ



ସମ୍ବଲପୁର,୨୭/୧୦(ନି/ପ୍ର): ଧମା ନିକଟସ୍ଥ ଛଚାଂନପାଲିସ୍ଥିତ ରୁକ୍ମଣୀ ଲାଠ ବାଲ ନିକେତନଠାରେ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ସମାଜସେବୀ ତଥା ଶିଶୁ କଲ୍ୟାଣ ପାଇଁ ଜୀବନ ଉତ୍ସର୍ଗ କରିଥିବା ଡ଼ଃ ପ୍ରଭାବତୀ ଦେବୀଙ୍କ ତିରୋଧାନ ଦିବସ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଶିଶୁଙ୍କ ଅଧିକାରର ସୁରକ୍ଷା, ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନେ ଡ଼ଃ ପ୍ରଭାବତୀ ଦେବୀଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଦୀପ ପ୍ରଜ୍ୱଳନ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡ଼ା. ରାଜାରାମ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମିତିର ଅନ୍ୟତମ ସଦସ୍ୟ ଦିଲ୍ଲୀପ କୁମାର ମୁଖୀ, ସମାଜସେବୀ ଦୀପକ ବିଶ୍ୱାଳ ଓ ଗୌରାଙ୍ଗ ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଡ଼ା. ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ଶିଶୁମାନେ ଦେଶର ଭବିଷ୍ୟତ ଏବଂ ସେମାନଙ୍କ ଯତ୍ନ, ସୁରକ୍ଷା ଓ ଉପଯୁକ୍ତ ମାର୍ଗଦର୍ଶନ ସମାଜର ସାମୂହିକ ଦାୟିତ୍ୱ ବୋଲି ଉଲ୍ଲେଖ କରିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀଙ୍କୁ କେବଳ ଆଶ୍ରୟ ଓ ଖାଦ୍ୟ ନୁହେଁ, ବରଂ ସ୍ନେହ, ମମତା, ଉତମ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଆତ୍ମବିଶ୍ୱାସର ସହ ଜୀବନରେ ଆଗକୁ ବଢ଼ିବାର ସୁଯୋଗ ଦେବା ଆବଶ୍ୟକ ବୋଲି ସେ ମତପ୍ରକାଶ କରିଥିଲେ। ଡ଼ଃ ପ୍ରଭାବତୀ ଦେବୀଙ୍କ ଜୀବନ ଓ ଆଦର୍ଶରୁ ପ୍ରେରଣା ନେଇ ଅସହାୟ ଓ ଅବହେଳିତ ଶିଶୁଙ୍କ ମୁହଁରେ ହସ ଫୁଟାଇବା ପାଇଁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ଶିଶୁଙ୍କ ପ୍ରତି ସମ୍ବେଦନଶୀଳ ଆଚରଣ, ମାନବିକ ମୂଲ୍ୟବୋଧ ଓ ସମାଜରେ ସମାନ ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତା ଉପରେ ମତ ରଖିଥିଲେ। ଶିଶୁମାନଙ୍କ ମଧ୍ୟରେ ଭଲ ମଣିଷ ହେବାର ଗୁଣ, ଶୃଙ୍ଖଳା, ସେବା ମନୋଭାବ ଓ ସାମାଜିକ ଦାୟିତ୍ୱବୋଧ ବିକଶିତ କରିବା ଦିଗରେ ଏଭଳି ସ୍ମୃତିସଭାର ଗୁରୁତ୍ୱ ରହିଛି ବୋଲି ସେମାନେ ମତ ଦେଇଥିଲେ ଓ ଅନୁଷ୍ଠାନର କୁନ୍ଦନ ରାଉତ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ଯତ୍ନ ଅନୁଷ୍ଠାନର ଶ୍ରୀକାନ୍ତ କୁମାର ମହାନ୍ତି, ହେମନ୍ତ ପ୍ରଧାନ, ଅଞ୍ଜୁ ସାହୁ ଓ ସୁଜାତା ମହାକୁଡ଼ ପ୍ରମୁଖ କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ଡ଼ଃ ପ୍ରଭାବତୀ ଦେବୀଙ୍କ ସେବା, ତ୍ୟାଗ ଓ ମାନବିକତାର ଆଦର୍ଶକୁ ସ୍ମରଣ କରିବା ସହ ଶିଶୁଙ୍କ ସୁରକ୍ଷିତ ଓ ସମ୍ମାନଜନକ ଭବିଷ୍ୟତ ଗଠନ ପାଇଁ ସମାଜର ପ୍ରତ୍ୟେକ ବର୍ଗ ନିଜ ଦାୟିତ୍ୱ ନିର୍ବାହ କରିବା ଉଚିତ ବୋଲି ଏହି ସ୍ମୃତିସଭା ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତା ପ୍ରଦାନ କରିଥିଲା।

# ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିରେ ଅନିୟମିତତା ଅଭିଯୋଗ, ୭୮ ଜଣ ଶିକ୍ଷକ ଅବହେଳିତ
## ନିରପେକ୍ଷ ତଦନ୍ତ ଓ ପୁନଃ ପଦୋନ୍ନତି ପ୍ରକ୍ରିୟା ତର୍ଜମା ଦାବି




ସମ୍ବଲପୁର,୨୭/୧୦(ନି/ପ୍ର): ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ଉଠାଇ ଏହାର ନିରପେକ୍ଷ ତଦନ୍ତ ସହ ସ୍ୱଚ୍ଛତାର ସହ ପ୍ରକ୍ରିୟା ପୁନଃ ତର୍ଜମା କରିବାକୁ ଦାବି ହୋଇଛି। ଏହି ଅନିୟମିତତା ଯୋଗୁଁ ସମୁଦାୟ ୭୮ ଜଣ ଶିକ୍ଷକ ଅବହେଳିତ ହୋଇଥିବା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ରାଜ୍ୟ ସାଧାରଣ ସମ୍ପାଦକ ବବ୍ରୁବାହନ ଭୋଇ ଅଭିଯୋଗ କରିଛନ୍ତି। ସୋମବାର ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଭୋଇ କହିଥିଲେ ଯେ, ସମ୍ବଲପୁର ଜିଲ୍ଲାରେ ପଦୋନ୍ନତି ପାଇଁ କୌଣସି ବିଜ୍ଞପ୍ତି ବା ନୋଟିଫିକେସନ ଜାରି ହୋଇନଥିଲା। ତଥାପି ପଦୋନ୍ନତି ପ୍ରକ୍ରିୟାରେ ବ୍ୟତିକ୍ରମ ହୋଇଥିବା ସେ ଅଭିଯୋଗ କରିଥିଲେ। "ଆମେ ଶିକ୍ଷକଙ୍କ ବିରୋଧୀ ନୋହୁଁ; ଆମର ଦାବି ହେଉଛି ପଦୋନ୍ନତି ପ୍ରକ୍ରିୟାର ପୁନଃ ତଦାରଖ କରାଯାଉ," ବୋଲି ସେ କହିଥିଲେ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ୪ ଏପ୍ରିଲ ୨୦୨୩ର ନିର୍ଦ୍ଦେଶକୁ ଉଲ୍ଲେଖ କରି ଶ୍ରୀ ଭୋଇ କହିଥିଲେ ଯେ, ପଦୋନ୍ନତି ସମ୍ପର୍କିତ ଶିକ୍ଷକମାନଙ୍କ ଅଭିଯୋଗ ଅନୁଯାୟୀ, କୌଣସି ଶିକ୍ଷକଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ ପଦକ୍ଷେପ ନେବାବେଳେ ତତ୍ପରତା ଦେଖାଯାଉଛି; କିନ୍ତୁ ପଦୋନ୍ନତି ସମୟରେ ନିୟମ ଓ ଯୋଗ୍ୟତାକୁ ଠିକ୍ ଭାବେ ବିଚାର କରାଯାଉନାହିଁ। ଏହାଦ୍ୱାରା ଅଭିଜ୍ଞ ଓ ଯୋଗ୍ୟ ଶିକ୍ଷକମାନେ ସେମାନଙ୍କ ପ୍ରାପ୍ୟ ସୁଯୋଗରୁ ବଂଚିତ ହେଉଥିବା ସହ ଶିକ୍ଷା ବିଭାଗରେ ଅସମାନତା ସୃଷ୍ଟି ହେଉଛି। ନିଷ୍ପତ୍ତି ନେବାବେଳେ ନିୟମାବଳୀ ଓ ସେବା ସର୍ତାବଳୀ ଅନୁସରଣ କରିବା ସହ ସମସ୍ତ ଯୋଗ୍ୟ ଶିକ୍ଷକଙ୍କ ବିବରଣୀ ଯାଚଂ କରିବା ଆବଶ୍ୟକ। ଓସିଏ ଓ ସିସିଏ ରୁଲ୍ସ, ୧୯୬୨ର ଉଲ୍ଲଂଘନ ହୋଇଥିବା ଅଭିଯୋଗ କରି ସେହି ନିୟମ ଅନୁଯାୟୀ ତଦନ୍ତ କରି ପଦକ୍ଷେପ ନେବାକୁ ଫେଡେରେସନ ଦାବି କରିଛି। ସାମ୍ବାଦିକ ସମ୍ମିଳନୀରେ ଶିକ୍ଷୟିତ୍ରୀ ବୀଣାପାଣି ବେହେରା ନିଜ ଅନୁଭୂତି ବର୍ଣ୍ଣନା କରି କହିଥିଲେ ଯେ, ତାଙ୍କ ପୋଷ୍ଟିଂ ଏବେ ମଧ୍ୟ ୫ମ ଗ୍ରେଡ୍‌ରେ ରହିଛି ଏବଂ ସେ ହୀନମନ୍ୟତାର ଶିକାର ହୋଇଛନ୍ତି। ତ୍ରୁଟି କେଉଁଠି ହୋଇଛି, ତାହା ତର୍ଜମା କରିବା ଦରକାର ବୋଲି ସେ କହିଥିଲେ। ଶିକ୍ଷୟିତ୍ରୀ ବିଜୟିନୀ ପ୍ରଧାନ ଶିକ୍ଷକ ସମାଜରେ ଏକତାର ଅଭାବ ନେଇ ଦୁଃଖ ପ୍ରକାଶ କରିଥିଲେ। ଏକତ୍ରିତ ହୋଇ ଏହି ବେନିୟମ କାର୍ଯ୍ୟର ବିରୋଧ କରିବାକୁ ସେ ଆହ୍ୱାନ ଦେଇଥିଲେ। ପଦୋନ୍ନତି ତାଲିକା ଓ ସମ୍ପୃକ୍ତ ନିଷ୍ପତିଗୁଡ଼ିକର ଯାଚଂ, ଅନିୟମିତତା ହୋଇଥିଲେ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଏବଂ ପ୍ରକ୍ରିୟାକୁ ସ୍ୱଚ୍ଛତାର ସହ ପୁନଃ ସମ୍ପନ୍ନ କରିବାକୁ ଫେଡେରେସନ କର୍ମକର୍ତ୍ତାମାନେ ଦାବି କରିଥିଲେ। ସମ୍ମିଳନୀରେ ମହେଶ୍ୱର ସାହୁ, ପ୍ରଫୁଲ୍ଲ କୁମାର ସାହୁ, ମୋଜୀବୁଦ୍ଦିନ ଖାନ, ପ୍ରଦୀପ ସାହୁ, ମାଳା ଡାୟରେ, ରଞ୍ଜୁ ରାଣୀ ପଟ୍ଟନାୟକ, ବୀଣାପାଣି ବେହେରା ଓ ସତ୍ୟନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଫେଡେରେସନ ପକ୍ଷରୁ ସାମ୍ବାଦିକ ମାନଙ୍କୁ ପ୍ରଶଂସା ପତ୍ର ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାଶଙ୍କ ମାତୃବିୟୋଗ



ସମ୍ବଲପୁର,୨୭/୧୦(ନି/ପ୍ର): ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାଶଙ୍କ ମାତା କନକଲତା ଦାଶଙ୍କର ସୋମବାର ସକାଳ ୮ଟା ୨୦ ମିନିଟ୍‌ରେ ତାଙ୍କ ମୋଡ଼ିପଡ଼ାସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳ ସହ ଗଣମାଧ୍ୟମ ଜଗତରେ ଶୋକର ଛାୟା ଖେଳିଯାଇଛି। କନକଲତା ଜଣେ ପରୋପକାରୀ, ଧର୍ମପରାୟଣା ଓ ମେଳାପୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମାତୃବିୟୋଗରେ ପ୍ରଫୁଲ୍ଲ ଦାଶଙ୍କ ସମେତ ସମଗ୍ର ପରିବାର ଶୋକସନ୍ତପ୍ତ ହୋଇପଡ଼ିଛନ୍ତି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଶୋକପ୍ରକାଶ କରାଯାଇଛି। ବହୁ ବରିଷ୍ଠ ସାମ୍ବାଦିକ, ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। କନକଲତାଙ୍କ ଶେଷ ଇଚ୍ଛା ଅନୁଯାୟୀ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ପାଇଁ ତାଙ୍କ ମରଶରୀରକୁ ବୁର୍ଲା ମେଡିକାଲକୁ ହସ୍ତାନ୍ତର କରାଯାଇଛି।

# ରେଙ୍ଗାଲି ବ୍ଲକ୍‌ର ବିଭିନ୍ନ ଶକ୍ତିପୀଠରେ ବଳିଯାତ୍ରା



ସମ୍ବଲପୁର,୨୭/୧୦(ନି/ପ୍ର): ଶାରଦୀୟ ଦୁର୍ଗାପୂଜା ଆନନ୍ଦ ଉଲ୍ଲାସ ର ସହ ସମାପନ ପରେ ରେଙ୍ଗାଲିବ୍ଲକ ବିଭିନ୍ନ ଶକ୍ତିପୀଠ ର ଅଧିଷ୍ଠିତ ଦେବୀ ସମଲେଶ୍ୱରୀଙ୍କ ବଳିଯାତ୍ରା ମହାସମାରୋହ ରେ ଶାକ୍ତ ବିଧି ର ପ୍ରାଚୀନ ପରମ୍ପରା ଅନୁସାରେ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେଉଛି। ଶନିବାର ରାତିରେ ମଙ୍ଗଳପୁର, ଗୋଲାମାଲ, ପୁଡାପଡାର ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ ଙ୍କ ବଳିଯାତ୍ରା ଅନୁଷ୍ଠିତ ହୋଇ ରବିବାର ଉଦଯାପିତ ହୋଇ ଯାଇଛି। ଏହି ଅବସର ରେ ମନ୍ଦିର ରେ ବିଧିମତେ ପୂଜା ହୋମ କରାଯାଇ ପୂଜକ ଧ୍ୟାନମଗ୍ନ ବରୁଆ ଶରୀର ରେ ଦୈବୀଶକ୍ତିର ସଚାଂର ପାଇଁ ମନ୍ତ୍ର ପ୍ରୟୋଗ କରିଥିଲେ। ମନ୍ତ୍ର ରେ ଦେବୀ ବାହନ ବରୁଆ ଢୋଲ,ନିସାନ,ତାସା, ମହୁରୀ, ଘଟଂ,ଗିନି ର ସାମୂହିକ ବାଦ୍ୟ ର ତାଳ ରେ ନୃତ୍ୟ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇ ଆଶୀର୍ବାଦ ପ୍ରଦାନ ପାଇଁ ଗ୍ରାମ ପରିକ୍ରମଣ କରିଥିଲେ। ଦେବୀଙ୍କ ସାକ୍ଷାତ ଅବତାର ରୂପେ ବିବେଚିତ ବରୁଆ କୁ ଘରେ ଘରେ ସ୍ୱାଗତ ପୂର୍ବକ ସାତ୍ତ୍ୱିକ ଭୋଗ ଓ ଛେଳି କୁକୁଡା ବଳି ଦିଆଯାଇଥିଲା। ଗ୍ରାମ୍ୟ ପରିକ୍ରମଣ ସାରି ବରୁଆ ମନ୍ଦିର ପ୍ରତ୍ୟାବର୍ତନ ଅବସର ରେ ଦୈବୀଶକ୍ତିର ଅପସାରଣ ପରେ ଯାତ୍ରା ଉଦ୍‌ଯାପିତ ହୋଇ ଥିଲା। ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଥିଲା। ଯାତ୍ରା ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଧ୍ୱଜାରୋହଣ, ପାଳିତ ହେଲା ରାମଚଣ୍ଡୀ ଦିବସ



ସମ୍ବଲପୁର,୨୭/୧୦(ନି/ପ୍ର): ଦାନିପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ରବିବାର ଦିନ ବିଶେଷ ପୂଜା, ହୋମଯଜ୍ଞ, ମହାଆଳତି ଓ ଧ୍ୱଜାରୋହଣ ସହ ରାମଚଣ୍ଡୀ ଦିବସ ପାଳିତ ହୋଇଥିଲା। ସୂଚନାଯୋଗ୍ୟ, ପ୍ରାୟ ୧୩୦୦ ମସିହାରେ ଏହି ତିଥିରେ ବୌଦ୍ଧ ଜିଲ୍ଲାର ସରସରାସ୍ଥିତ ରାମଚଣ୍ଡୀଙ୍କ ପ୍ରଥମ ପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ସେହି ସ୍ମୃତିରେ ଏହି ତିଥିକୁ ରାମଚଣ୍ଡୀ ଦିବସ ଭାବେ ପାଳନ କରାଯାଉଛି। ଅବସରରେ ପୂଜକମାନେ ରଣେଶ୍ୱର ରାମଚଣ୍ଡୀଙ୍କୁ ନୂତନ ବସ୍ତ୍ରରେ ସଜ୍ଜିତ କରିବା ପରେ ସକାଳେ ଦେବଦେବୀଙ୍କ ସ୍ନାନ, ହୋମଯଜ୍ଞ ଓ ମହାଆଳତି କରିଥିଲେ। ପରେ ମନ୍ଦିର ଶିଖରରେ ନୂତନ ଧ୍ୱଜା ଲଗାଯାଇଥିଲା। ଶଙ୍ଖ, ଘଟଂ ଓ ହୁଳହୁଳି ଧ୍ୱନିରେ ମନ୍ଦିର ପରିସର ମୁଖରିତ ହୋଇଥିଲା। ଦେବବ୍ରତ ବାରିକ ମନ୍ଦିର ଶିଖରରେ ଧ୍ୱଜା ଲଗାଇଥିଲେ। ଏହି ଅବସରରେ ମା' ଭକ୍ତମାନଙ୍କୁ ବିଶେଷ ଦର୍ଶନ ଦେଇଥିଲେ। ପୂଜା ଓ ହୋମଯଜ୍ଞ ପୂଜକ ଦେବୀପ୍ରସାଦ ଭୋଇ ଏବଂ ସୁଦାମ ପ୍ରଧାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ଶ୍ରୀକୃଷ୍ଣ ପ୍ରଧାନ ଓ ସୁକାନ୍ତି ଗଡ଼ତିଆ ହୋମଯଜ୍ଞର କର୍ତ୍ତା ହୋଇଥିଲେ। ସଭାପତି କୃପାସିନ୍ଧୁ ଖମାରୀ ରାମଚଣ୍ଡୀ ଦିବସର ମହତ୍ତ୍ୱ ବିଷୟରେ ବକ୍ତବ୍ୟ ରଖିଥିବା ବେଳେ ଅକ୍ଷୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମାରୁ ବାରିକ, ପ୍ରଦୀପ କୁମାର ସାହୁ, ଆନନ୍ଦ କୁମାର ପ୍ରଧାନ, ମୁରଲୀ ପ୍ରଧାନ, ଜଟାଭୂଷଣ ସାହୁ, ଟଙ୍କଧର ବାରିକ, ଦେବୋତମ ପ୍ରଧାନ, ସୁପ୍ରଭା ପ୍ରଧାନ, କ୍ଷୀରୋଦ ପ୍ରଧାନ, ସରୋଜ ସାହୁ, ଅଭିରାମ ଖମାରୀ, ରଘୁମଣୀ ପାତ୍ର ଓ ନୋବେଲ ପ୍ରଧାନଙ୍କ ସମେତ ଅନେକ ଭକ୍ତ ଉପସ୍ଥିତ ଥିଲେ।




# ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ନ୍ୟାସର ବୈଠକ




ରାଉରକେଳା,୨୭/୧୦(ନି/ପ୍ର): କୋଏଲ ନଗର ସି ବ୍ଲକ ସ୍ଥିତ ଉତ୍କଳ ଗୌରବ ମଧୁସୂଦନ ପାର୍କରେ ଥିବା ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଓ କଲ୍ୟାଣ ନ୍ୟାସ ତରଫରୁ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯିବା ସହ ନୂତନ ଟ୍ରଷ୍ଟି ଭାବେ ୫ ଜଣ ସଦସ୍ୟଙ୍କୁ ଗ୍ରହଣ କରାଯାଇଥିଲା। ନ୍ୟାସର ସଭାପତି ତଥା ମ୍ୟାନେଜିଂ ଟ୍ରଷ୍ଟି ଚିନ୍ମରଞ୍ଜନ ଦାସଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ବିପ୍ରଚରଣ ସେଠୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସର୍ବଶ୍ରୀ ଭାଗିରଥି ନାୟକ, ପ୍ରଦୀପ କୁମାର ପତି, ସନ୍ତୋଷ କୁମାର ମହାପାତ୍ର, ମହାବୀର ପ୍ରସାଦ ନାଥ, ଶୁଭ୍ରାଂଶୁ ମିଶ୍ର ଙ୍କୁ ନୂତନ ଟ୍ରଷ୍ଟି ଭାବେ ଗ୍ରହଣ କରାଯାଇଥିଲା। ଅନ୍ୟ ଟ୍ରଷ୍ଟିଙ୍କ ମଧ୍ୟରେ ଉପସଭାପତି ପିତାମ୍ବର ଲେଙ୍କା, ମୁଖ୍ୟ ସଂଯୋଜକ ବିମଳ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନାର ନିଷ୍କର୍ଷ ଅନୁଯାୟୀ ପାର୍କର ଉନ୍ନତିକରଣ ସ୍ୱଚ୍ଛତା, ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା ସହ ଆଗାମୀ ଦିନରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ ଯେ ଉକ୍ତ ଅନୁଷ୍ଠାନ ତରଫରୁ ଯୋଗଗୁରୁ ଶରତ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଶିକ୍ଷଣ ଦିଆଯାଉଛି। ପ୍ରାରମ୍ଭରେ ସଭାପତି ଶ୍ରୀ ଦାସ ସ୍ୱାଗତ ଭାଷଣ ସହ ବୈଠକର ଆଭିମୁଖ୍ୟ ଓ ଶେଷରେ ଉପସଭାପତି ଶ୍ରୀ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ସନ୍ତୋଷ ମହାନ୍ତି, ଜ୍ୟୋସ୍ନାରାଣୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଚୋରି ଅଭିଯୋଗରେ ୧ ଅଭିଯୁକ୍ତ ଗିରଫ



ରାଉରକେଳା,୨୭/୧୦(ନି/ପ୍ର): ରାଉରକେଳା ପୋଲିସର ପ୍ଲାଂଟସାଇଟ୍ ଥାନା ପକ୍ଷରୁ ଏକ ମୋଟରସାଇକେଲ୍ ଚୋରି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଏଥିସହିତ ପୋଲିସ ଅଭିଯୁକ୍ତଙ୍କ ଠାରୁ ଏକ ଚୋରି ଧଳା ହୋଣ୍ଡା ଆକ୍ଟିଭା ମଧ୍ୟ ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତ ହେଲେ ରାଉରକେଳା ପ୍ଲାଂଟସାଇଟ୍ ଥାନା ଅଧିନସ୍ଥ ହସନପୁର ଉର୍ଦ୍ଦୁ ସ୍କୁଲ୍ ପଛରେ ରହୁଥିବା ଅରମାନ ଅନସାରୀ ଓରଫ ବାଲି (୨୩) ବୋଲି ଚିହ୍ନଟ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କ କବଜାରୁ ଗୋଟିଏ ଉଏ-୧୩ଟର-୨୬୪୯ ନମ୍ବର ବିଶିଷ୍ଟ ଧଳା ଆକ୍ଟିଭା ଜବତ କରିଛି। ଏହି ମାମଲାରେ ପ୍ଲାଂଟସାଇଟ୍ ଥାନାରେ ଭାରତୀୟ ଦଣ୍ଡ ସଂହିତା (ବିଏନ୍ଏସ୍)ର ଧାରା ୩୦୩(୨) ଅନୁଯାୟୀ ୨୦୨୬ ଅକ୍ଟୋବର ୨୪ ତାରିଖର ମାମଲା ନଂ. ୧୧୧୫ ରୁଜୁ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ, ତଦନ୍ତ ସମୟରେ ଅଭିଯୁକ୍ତଙ୍କୁ ଚିହ୍ନଟ, ଗିରଫ ଏବଂ ଚୋରି ଗାଡ଼ି ମଧ୍ୟ ଉଦ୍ଧାର କରାଯାଇଛି। ପୋଲିସ ରେକର୍ଡରେ ପ୍ଲାଂଟସାଇଟ୍ ଥାନାରେ ଅରମାନ ଅନସାରୀ ଓରଫ ବାଲିଙ୍କୁ ନାମରେ ପୂର୍ବରୁ ଦୁଇଟି ମାମଲା ରହିଛି। ଏଥିରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୩୧(୪)/୩୦୫(ଏ) ଅନୁଯାୟୀ ମାମଲା ନଂ ୯୯୩/୨୦୨୪ ଏବଂ ମାମଲା ନଂ. ୭୩୨/୨୦୨୬ ଅନ୍ତର୍ଭୁକ୍ତ। ପୋଲିସ ପକ୍ଷରୁ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

# ୯ ବର୍ଷରେ ଟେନସା ଗଜଲକ୍ଷ୍ମୀ ପୂଜା



କୋଇଡ଼ା,୨୭/୧୦(ନି/ପ୍ର): ଚଳିତବର୍ଷ ଟେନସାର ଗଜଲକ୍ଷ୍ମୀ ପୂଜା ୧୯ ବର୍ଷରେ ପଦାର୍ପଣ କରିଥିବା ବେଳେ ପାହାଡ଼ ପାଦଦେଶରେ ସ୍ୱର୍ଣ୍ଣିମ ଆଭାରେ ଶୋଭା ପାଉଛନ୍ତି ମାଆ ଗଜଲକ୍ଷ୍ମୀ। ସେଲ୍ ପରିଚାଳିତ ବରସୁଆଁ ଲୌହଖଣିର କର୍ମଚାରୀଙ୍କ ରହଣି ପାଇଁ ୧୯୬୫ ମସିହାରେ ଟେନସା ସହର ଗଢ଼ିଉଠିଥିଲା। ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜା ପାଇଁ ଟେନସାର ରହିଛି ଦୀର୍ଘଦିନର ପରମ୍ପରା। ୨୦୦୦ ମସିହା ପୂର୍ବରୁ ପୂଜାପର୍ବ ସମୟରେ ଟେନସା ଉପତ୍ୟକାକୁ ବନ୍ଧୁବାନ୍ଧବଙ୍କ ଆଗମନରେ ଚଳଚଂଚଳ ହୋଇଉଠୁଥିଲା। କିନ୍ତୁ କାଳକ୍ରମେ ଏହି ଆଗମନ କମିବା ସହ ପୂଜା ସମୟରେ ସହରରେ ନିରୁତ୍ସାହ ପରିବେଶ ଦେଖାଦେଇଥିଲା। ଏହି ସ୍ଥିତିକୁ ବଦଳାଇବା ପାଇଁ ୨୦୦୭ ମସିହାରେ ଆଗେଇ ଆସିଥିଲେ ଟେନସା ଇସ୍ପାତ ବିଦ୍ୟାଳୟର ୧୯୯୪ ମସିହା ମାଟ୍ରିକ୍ ବ୍ୟାଚ୍‌ର କିଛି ଉତ୍ସାହୀ ଯୁବକ। ମାଆ ଗଜଲକ୍ଷ୍ମୀଙ୍କ ପୂଜା ଆୟୋଜନ କରି ଟେନସାରେ ପୁଣି ଉତ୍ସବର ମାହୋଲ ସୃଷ୍ଟି କରିବାକୁ ସେମାନେ ସ୍ୱପ୍ନ ଦେଖିଥିଲେ। ଟେନସା ମାର୍କେଟ୍ ପରିସରରେ ଆରମ୍ଭ ହୋଇଥିବା ଆଲୋଚନା ଧୀରେଧୀରେ ବାସ୍ତବ ରୂପ ନେଇଥିଲା। ଅନେକ ବାଧାବିଘ୍ନ ଓ ନିରୁତ୍ସାହ ସତ୍ତ୍ୱେ ଯୁବକମାନେ ନିଜ ଉଦ୍ୟମ ଓ ଦୃଢ଼ ମନୋବଳରେ ଆଗକୁ ବଢ଼ିଥିଲେ। ନିଜ ନିଜ ରୋଜଗାରରୁ ଅର୍ଥ ଖର୍ଚ୍ଚ କରି ପୂଜା ଆୟୋଜନ କରିବାକୁ ସେମାନେ ସଂକଳ୍ପ ନେଇଥିଲେ। ଟେନସା ଇସ୍ପାତ ବିଦ୍ୟାଳୟ ଖେଳପଡ଼ିଆରେ ମାଆ ଗଜଲକ୍ଷ୍ମୀଙ୍କ ଆରାଧନାର ଶୁଭାରମ୍ଭ ହୋଇଥିଲା। ଏହି ଛୋଟ ପ୍ରୟାସ ଆଜି ଏକ ସାମୂହିକ ଉତ୍ସବର ରୂପ ନେଇଛି। ଟେନସା ଗଜଲକ୍ଷ୍ମୀ ପୂଜାର ବିକାଶରେ ବରସୁଆଁ ଲୌହଖଣି ସମେତ ଆଖପାଖ ଅଚଂଳର ଖଣିଗୁଡ଼ିକର ଅବଦାନ ମଧ୍ୟ ଉଲ୍ଲେଖନୀୟ।

# ସହ ରାଜ୍ୟ ପ୍ରଭାରୀ ଅଙ୍କୁର ମାର୍ଥାଙ୍କୁ ସମ୍ମାନଜନକ ସମ୍ମାନସୂଚକ ଡକ୍ଟର ଉପାଧି ପ୍ରଦାନ



ରାଉରକେଳା,୨୭/୧୦: ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ପାଇଁ ଏକ ଗର୍ବ ଓ ଆନନ୍ଦର ବିଷୟ। ଯୋଗର ପ୍ରଚାରପ୍ରସାର, ଯୋଗ ଶିକ୍ଷାଦାନ ଏବଂ ସମାଜରେ ଯୋଗର ମହତ୍ତ୍ୱକୁ ପହଂଚାଇବା କ୍ଷେତ୍ରରେ ଦୀର୍ଘଦିନର ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ଅଙ୍କୁର ମାର୍ଥାଙ୍କୁ ୱାର୍ଲ୍ଡ ଚାରିଟେବଲ୍ ୱେଲଫେୟାର ଫାଉଣ୍ଡେସନ୍, ନୂଆଦିଲ୍ଲୀ ପକ୍ଷରୁ ସମ୍ମାନଜନକ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ୨୫ ଅକ୍ଟୋବର ୨୦୨୬ରେ ବ୍ରହ୍ମପୁରସ୍ଥିତ ଗଞ୍ଜାମ କଳା ପରିଷଦଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଯୋଗ ଓ ଉନ୍ନମ ଯୋଗ ଶିକ୍ଷାଦାନ, ସମାଜ ସେବା ମାଧ୍ୟମରେ ସମାଜକୁ ସୁସ୍ଥ ରଖିବା ଦିଗରେ ତାଙ୍କର ନିଷ୍ଠାପର ଉଦ୍ୟମ ଓ ଜୀବନବ୍ୟାପୀ ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସଫଳତା ପାଇଁ ସୁନ୍ଦରଗଡ଼ ଜିଲ୍ଲା ପତଞ୍ଜଳି ଯୋଗ ପରିବାର ପକ୍ଷରୁ ସହ ରାଜ୍ୟ ପ୍ରଭାରୀ ଶ୍ରୀ ଅଙ୍କୁର ମାର୍ଥାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି। ତାଙ୍କର ଏହି ସଫଳତା ଯୋଗ ପରିବାରର ସମସ୍ତ ସଦସ୍ୟ, ଯୋଗ ଶିକ୍ଷକ ଓ ଯୋଗପ୍ରେମୀଙ୍କ ପାଇଁ ପ୍ରେରଣାର ଉତ୍ସ ହେବ। ଆଗାମୀ ଦିନରେ ମଧ୍ୟ ସେ ଯୋଗର ପ୍ରଚାର ପ୍ରସାର ଓ ଜନସାଧାରଣଙ୍କୁ ନିରୋଗ ଜୀବନଶୈଳୀ ଆପଣାଇବା ପାଇଁ ପ୍ରେରିତ କରିବେ ବୋଲି ପତଞ୍ଜଳି ଯୋଗ ପରିବାର ଆଶା ପ୍ରକାଶ କରିଛି ବୋଲି ଜିଲ୍ଲା ମିଡ଼ିଆ ପ୍ରଭାରୀ ଗଙ୍ଗାଧର ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ଡକାୟତି ଯୋଜନା ପଣ୍ଡ :୪ ଗିରଫ



ରାଉରକେଳା,୨୭/୧୦(ନି/ପ୍ର): ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ରାଉରକେଳା ପ୍ଲାଂଟସାଇଟ୍ ପୋଲିସ୍ ପକ୍ଷରୁ ଅକ୍ଟୋବର ୨୫ ଓ ୨୬ ତାରିଖ ମଧ୍ୟବର୍ତ୍ତୀ ରାତିରେ ଡକାୟତି ଯୋଜନା କରୁଥିବା ଅଭିଯୋଗରେ ଚାରି ଜଣଙ୍କୁ ଗିରଫ କରାଯାଇଛି। ପୋଲିସର ସୂଚନା ଅନୁସାରେ, ସବ-ଇନ୍ସପେକ୍ଟର ଏମ୍. ଆର. ରାଉତଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ପ୍ଲାଂଟସାଇଟ୍ ଥାନା ଅଚଂଳରେ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ରାଉରକେଳା ସେକ୍ଟର-୨୧ ସ୍ଥିତ ଦୀପ୍ତି ହୋଟେଲ ନିକଟସ୍ଥ ଶୌଚାଳୟ ପଛପଟେ ଏକ ନିର୍ଜନ ସ୍ଥାନରେ ସଶସ୍ତ୍ର ବ୍ୟକ୍ତିମାନେ ଏକ ଗୋଷ୍ଠୀ ଏକତ୍ରିତ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ପୋଲିସ ଦଳ ଘଟଣାସ୍ଥଳରେ ପହଚିଂ ଚନ୍ଦନ ଯାଦବ ଓରଫ ଲାଙ୍ଗଟୁ, ରାକେଶ ସିଂହ, କିଶୋର ରାଣା ଏବଂ ଆକାଶ ସିଂହ ଓରଫ କଟା ନାମକ ଚାରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ଧରପଗଡ଼ ବେଳେ ଅନ୍ୟ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଅନ୍ଧାରରେ ପୋଲିସ୍ ନିକଟରୁ ଖସି ପଳାଇବାରେ ସଫଳ ହୋଇଥିବା ଜଣାପଡ଼ିଛି।

# ରୋଟାରୀ କ୍ଲବ ଷ୍ଟିଲ ସିଟି ପକ୍ଷରୁ ରାଉରକେଳାରେ ପୋଲିଓ ସଚେତନତା ରାଲି ଏବଂ ରୋଡ୍ ଶୋ




ରାଉରକେଳା,୨୭/୧୦(ନି/ପ୍ର): ରୋଟାରୀ କ୍ଲବ ଅଫ ରାଉରକେଳା ଷ୍ଟିଲ ସିଟି ପକ୍ଷରୁ ବିଶ୍ୱ ପୋଲିଓ ଦିବସ ଉପଲକ୍ଷେ ପୋଲିଓ ମୁକ୍ତ ଅଭିଯାନ ନେଇ ଏକ ସଚେତନତା ରାଲି ଓ ରୋଡ୍ ଶୋ ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ରାଉରକେଳା ସେକ୍ଟର-୧୯ ଆମ୍ବାଗାନ ଛକ, ମଧୁବନ ଛକ, ସେକ୍ଟର-୧ କ୍ଲବ ପରିସର ଏବଂ ସେକ୍ଟର-୨ ଛକ ଦେଇ ପରିକ୍ରମା କରିଥିଲା। ରାଲିରେ ପୋଲିଓ ନିରାକରଣର ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ରୋଟାରିଆନ୍ ଅଞ୍ଜନା ମୈତ୍ର, ସରିତା ମଲ୍ଲ, ନମିତା ଆଚାର୍ଯ୍ୟ, ସନ୍ଧ୍ୟାରାଣୀ ବରାଳ, ବୀଣାପାଣି ରଥ, ସୁଚିସ୍ମିତା ବିଶ୍ୱାସ, ଲଳିତା ମୁଦାଲି, ଆଶିଷ ନାୟକ, ବିଭୁ ପ୍ରସାଦ ନାୟକ, ଯଶ ମିଶ୍ର, ପୁତୁଲ ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ। ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ଆଲାମ ସିଂ ରୁପ୍ରା ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ରୋଟାରାକ୍ଟ ସଦସ୍ୟ ସଭାପତି ଅଭିଷେକ ପ୍ରଧାନ , କୋଷାଧ୍ୟକ୍ଷ ଯାସନା ରୟ, ନିର୍ଦ୍ଦେଶକ ପାୟଲ ଗୁମାନସିଂହ ଓ ଅଙ୍କିତା ସ୍ୱାଇଁଙ୍କ ସମେତ ରୋଟାରାକ୍ଟ କ୍ଲବ ରିମ୍ସର ଗାଇଡ୍ ଶିକ୍ଷକ ମଧ୍ୟ ଉପସ୍ଥିତ ଥିଲେ। ଅନୁରୂପ ଭାବେ ରୋଟାରାକ୍ଟ କ୍ଲବ ଅଫ ଗାନ୍ଧୀ ମହାବିଦ୍ୟାଳୟର ସଭାପତି ନିଜ ଟିମ୍ ସହ କଲେଜ କ୍ୟାମ୍ପସ ଓ ଦେଓଗାଁ ଅଚଂଳରେ ମଧ୍ୟ ପୋଲିଓ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ କରିଥିଲେ।

# ପ୍ଲାଷ୍ଟିକ ପଦାର୍ଥ ବର୍ଜନ ପାଇଁ ସଚେତନ କରାଉଛନ୍ତି ରଶ୍ମିରଞ୍ଜନ

କେନ୍ଦ୍ରାପଡ଼ା,୨୭/୧୦(ନି/ପ୍ର): ପ୍ରଦୂଷଣ ରୋକିବା ଓ ପୃଥିବୀକୁ ସୁସ୍ଥ ରଖିବା ଲକ୍ଷ୍ୟରେ ପ୍ଲାଷ୍ଟିକ ବର୍ଜନ ପାଇଁ ଜନସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି। ପ୍ଲାଷ୍ଟିକ ବ୍ୟବହାର ଦିନକୁ ଦିନ ବଢୁଥିବାରୁ ପରିବେଶ, ଜଳସମ୍ପଦ ଓ ଜୀବଜନ୍ତୁଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ପ୍ଲାଷ୍ଟିକ ଆବର୍ଜନା ନାଳ ଓ ଜଳାଶୟରେ ଜମା ହୋଇ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଛି। ଏହାସହିତ ପ୍ଲାଷ୍ଟିକ ଖାଦ୍ୟ ଓ ମାଟିକୁ ମଧ୍ୟ ପ୍ରଦୂଷିତ କରୁଛି।

# ୨୫ତମ ଜୁନିୟର ଜାତୀୟ ଉଶୁ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ରାଉରକେଳାର ୫ ଖେଳାଳି



ରାଉରକେଳା, ୨୭/୧୦(ନି/ପ୍ର): ତାମିଲନାଡୁର ଚେନ୍ନାଇସ୍ଥିତ ଜେପିଆର୍ ବିଶ୍ୱବିଦ୍ୟାଳୟଠାରେ ଆସନ୍ତା ୨୮ ଅକ୍ଟୋବରରୁ ୨ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ୨୫ତମ ଜୁନିୟର ଜାତୀୟ ଉଶୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶାର ୩୪ ଜଣିଆ ଜୁନିୟର ଉଶୁ ଦଳ ଆସନ୍ତା ୨୬ ଅକ୍ଟୋବରରେ ଭୁବନେଶ୍ୱରରୁ ଚେନ୍ନାଇ ଅଭିମୁଖେ ଯାତ୍ରା କରିବେ। ରାଉରକେଳାର କ୍ରୀଡ଼ା ଉଶୁ ସଂଘ, ସୁନ୍ଦରଗଡ଼ ପକ୍ଷରୁ ୫ ଜଣ ପ୍ରତିଭାବାନ ଖେଳାଳି ଗତକାଲି ରାଉରକେଳାରୁ ଯାତ୍ରା କରି ଓଡ଼ିଶା ଦଳ ସହ ଯୋଗଦେଇଛନ୍ତି। ସେମାନେ ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନିଜର କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିବେ। କ୍ରୀଡ଼ା ଉଶୁ ସଂଘ, ସୁନ୍ଦରଗଡ଼ର ସଭାପତି ଶ୍ରୀ ବିରଚିଂ ନାରାୟଣ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ମାଷ୍ଟର ଆଦିତ୍ୟ ବେହେରା ୪୮ କିଲୋଗ୍ରାମ ଏବଂ ଅନୁଜ ହେମ୍ବ୍ରମ ୫୬ କିଲୋଗ୍ରାମ ବର୍ଗର ସାଣ୍ଡା (ଝବଭୟବ) ପ୍ରତିଯୋଗିତାରେ ଭାଗ ନେବେ। ସେହିପରି ସାଧନା ମାଝୀ ତାଓଲୁର ନାନ୍‌ଚୁଆନ୍ ବିଭାଗରେ, ଦିବ୍ୟଜ୍ୟୋତି ବେହେରା ତାଇଚି (ଊବସମଷସ) ବିଭାଗରେ ଏବଂ ଆଦିତ୍ୟ ସିଂ ନାନ୍‌ଚୁଆନ୍ ଶୈଳୀର ଗ୍ରୁପ୍ ଇଭେଂଟରେ ଅଂଶଗ୍ରହଣ କରିବେ। ଏହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି କ୍ରୀଡ଼ା ଓ ସାମାଜିକ କ୍ଷେତ୍ରର ଅନେକ ବିଶିଷ୍ଟ ବ୍ୟକ୍ତି। ସେମାନଙ୍କ ମଧ୍ୟରେ କ୍ରୀଡ଼ା ଉଶୁ ସଂଘର ଉପସଭାପତି ଶ୍ରୀ ଟିକା ବାହାଦୁର, ଯୁଗ୍ମ ସମ୍ପାଦକ ଶ୍ରୀ ଅଜୟ ଲାକ୍ରା, ରାଉରକେଳାର ଉପ କ୍ରୀଡ଼ା ନିର୍ଦ୍ଦେଶକ ଶ୍ରୀ ସୁଦୀପ୍ତ ନାୟକ, ଆରଓ୍ୱାଇଏମ୍ଏ (ଜଣଗଇ)ର ସାଧାରଣ ସମ୍ପାଦକ ଶ୍ରୀ ବାସୁଦେବ ବାନାର୍ଜୀ, ଜିଲ୍ଲା ଆଥଲେଟିକ୍ ?ଆସୋସିଏସନ୍ ?ର ସାଧାରଣ ସମ୍ପାଦକ ଶ୍ରୀ ପ୍ରଭାତ ଭୋଳ ଏବଂ ସମାଜସେବୀ ଶ୍ରୀ ଓ. ପି. ସିଂହ ପ୍ରମୁଖ ଅଛନ୍ତି। ସେମାନେ ଖେଳାଳିମାନଙ୍କ ଦକ୍ଷତା ଉପରେ ଆସ୍ଥା ପ୍ରକାଶ କରିବା ସହ ଜାତୀୟସ୍ତରରେ ପଦକ ଜିତି ସୁନ୍ଦରଗଡ଼ ଜିଲ୍ଲା ତଥା ଓଡ଼ିଶାର ଗୌରବ ବୃଦ୍ଧି କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ଏହି ସମସ୍ତ ସୂଚନା କ୍ରୀଡ଼ା ଉଶୁ ସଂଘ, ସୁନ୍ଦରଗଡ଼ର ସାଧାରଣ ସମ୍ପାଦକ ଶ୍ରୀ ସୁଜନ ରଥ ପ୍ରଦାନ କରିଛନ୍ତି।

# ବାତ୍ୟା ଅର୍ଣ୍ଣବ ମୁକାବିଲା ପାଇଁ ପୁରୀ ପୋଲିସର ସଚେତନତା

ପୁରୀ,୨୭/୧୦(ନି/ପ୍ର): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାର ନିମ୍ନାଂଚଳ ଓ ଉପକୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ଅରଖକୁଦା ମେରାଇନ୍ ଥାନା ପକ୍ଷରୁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ନିମ୍ନାଂଚଳରେ ବସବାସ କରୁଥିବା ଲୋକମାନଙ୍କୁ ବାତ୍ୟା ସମୟରେ ସତର୍କତା ଅବଲମ୍ବନ କରିବା, ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ ଜରୁରୀ ପରିସ୍ଥିତିରେ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସଚେତନ କରାଯାଇଛି।

# ଆରଏସପିରେ ସତର୍କତା ସଚେତନତା ସପ୍ତାହ ପାଳନ ଆରମ୍ଭ



ରାଉରକେଳା,୨୭/୧୦(ନି/ପ୍ର): ଯେତେବେଳେ ନିଷ୍ଠା ଓ ସାଧୁତା ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଏ ଏବଂ ପ୍ରତ୍ୟେକ ବ୍ୟକ୍ତି ସଚ୍ଚୋଟ ଓ ଉତ୍ତରଦାୟିତ୍ୱ ସହ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି, ସେତେବେଳେ ସମ୍ପୂର୍ଣ୍ଣ କାରଖାନାର ସମୃଦ୍ଧି ହୋଇଥାଏ," ବୋଲି ରାଉରକେଳା ଇସ୍ପାତ କାରଖାନା (ଆର.ଏସ.ପି.)ର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡି.ଆଇ.ସି.) ଶ୍ରୀ ଆଲୋକ ବର୍ମା କହିଛନ୍ତି। ସେ ଅକ୍ଟୋବର ୨୬ ତାରିଖ ରେ କାରଖାନାର ଗୋପବନ୍ଧୁ ଅଡିଟୋରିୟମଠାରେ ଆୟୋଜିତ 'ସତର୍କତା ସଚେତନତା ସପ୍ତାହ – ୨୦୨୬'ର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଜନସମାଗମକୁ ସମ୍ବୋଧିତ କରି ଏହା କହିଥିଲେ। ଏହି ଅବସରରେ ମଚଂରେ ନିର୍ବାହୀ ନିର୍ଦ୍ଦେଶକ (ଏମ.ଡି.-ସି.ଏମ.ଏଲ.ଓ.) ଶ୍ରୀ ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବିଶ୍ୱରଞ୍ଜନ ପାଲାଇ, ନିର୍ବାହୀ ନିର୍ଦ୍ଦେଶକ (ଏମ.ଏମ.) ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି, ଓ.ଜି.ଓ.ଏମ.-ସି.ଏମ.ଏଲ.ଓ.) ଶ୍ରୀ ଏମ. ପି. ସିଂ, ସି.ଆଇ.ଏସ.ଏଫ.ର ଡି.ଆଇ.ଜି. ଶ୍ରୀ ବିଷ୍ଣୁ ସ୍ୱରୂପ ଏବଂ ମହାପ୍ରବନ୍ଧକ (ସତର୍କତା) ଓ ଏ.ସି.ଭି.ଓ. ଶ୍ରୀ ରଞ୍ଜନ ଭାରତୀ ଉପସ୍ଥିତ ଥିଲେ। ଏତଦ୍‌ବ୍ୟତୀତ ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ଗଣ, ମୁଖ୍ୟ ମହାପ୍ରବନ୍ଧକ ଗଣ, ବିଭାଗୀୟ ମୁଖ୍ୟଙ୍କ ସମେତ କାରଖାନାର ବହୁ ସଂଖ୍ୟକ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ନିର୍ଦ୍ଦେଶକ ଅନ୍ୟାନ୍ୟ ଅତିଥିମାନଙ୍କ ସହ ମିଶି ପ୍ରଦୀପ ପ୍ରଜ୍ୱଳନ କରି ଏବଂ ଭାରତର ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଉଦ୍ ?ଘାଟନ କରିଥିଲେ। ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଏହି ସତର୍କତା ସଚେତନତା ସପ୍ତାହ ପାଳନ କରାଯାଉଛି। ଏହି ବର୍ଷ ସତର୍କତା ସଚେତନତା ସପ୍ତାହର ମୂଳ ବିଷୟବସ୍ତୁ ହେଉଛି — "ସମୃଦ୍ଧି ପାଇଁ ସତ୍ୟନିଷ୍ଠା "। ଶ୍ରୀମଦ୍ ଭଗବଦ୍‌ଗୀତାର ଉପଦେଶଗୁଡ଼ିକୁ ଉଦ୍ଧୃତ କରି, ଭାରପ୍ରାପ୍ତ ନିର୍ଦ୍ଦେଶକ କର୍ମଫଳ ଆଶା ନରଖି ନିଜର କର୍ତ୍ତବ୍ୟ ନିଷ୍ଠାର ସହ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କର୍ମଚାରୀମାନଙ୍କୁ ଭୁଲ କାର୍ଯ୍ୟ ବିରୋଧରେ ସ୍ୱର ଉତୋଳନ କରିବାକୁ ଏବଂ ସତ୍ୟ ପାଇଁ ଛିଡ଼ା ହେବାର ସାହସ ରଖିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସେ ବୁଝାଇଥିଲେ ଯେ ସତର୍କତା କେବଳ ଅନିୟମିତତାକୁ ଚିହ୍ନଟ କରେନାହିଁ, ବରଂ ସଚ୍ଚୋଟ କର୍ମଚାରୀମାନଙ୍କୁ ସୁରକ୍ଷା ମଧ୍ୟ ପ୍ରଦାନ କରିଥାଏ। ରାମଧାରୀ ସିଂ ଦିନକରଙ୍କ ଦ୍ୱାରା ଚିତ୍ରିତ 'କର୍ଣ୍ଣ' ଚରିତ୍ରରୁ ପ୍ରେରଣା ନେଇ, ନିର୍ଦ୍ଦେଶକ ପ୍ରତିଶ୍ରୁତିବଦ୍ଧତା ଏବଂ ନିଜ କଥାରେ ଅଟଳ ରହିବାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆର.ଏସ.ପି. ପରିବାରକୁ ସ୍ୱଚ୍ଛତା, ସାଧୁତା ଏବଂ ନୈତିକ ଆଚରଣ ପ୍ରତି ନିଜର ପ୍ରତିଶ୍ରୁତିବଦ୍ଧତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ, ଏବଂ ଏହିପରି ମୂଲ୍ୟବୋଧ ଅନୁଷ୍ଠାନର ନିରନ୍ତର ଅଭିବୃଦ୍ଧି ଓ ସୁନାମ ପାଇଁ ଅତ୍ୟାବଶ୍ୟକ ବୋଲି ଦର୍ଶାଇଥିଲେ। ଶ୍ରୀ ବିଷ୍ଣୁ ସ୍ୱରୂପ ଏହି ବର୍ଷର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ ଏବଂ ବ୍ୟକ୍ତିଗତ ଆଚରଣରେ ନୈତିକତା ପ୍ରତିପାଦନ କରିବାରେ ଏହାର ଗୁରୁତ୍ୱ ବୁଝାଇଥିଲେ। ଏହା ପୂର୍ବରୁ, ଭାରପ୍ରାପ୍ତ ନିର୍ଦ୍ଦେଶକ ଏହି କାର୍ଯ୍ୟକ୍ରମରେ ସତର୍କତା ସଚେତନତା ସପ୍ତାହ ଉପଲକ୍ଷେ ଆର.ଏସ.ପି.ର ଉଚ୍ଚ କର୍ତ୍ତୃପକ୍ଷ ମାନଙ୍କର ଭିଡିଓ ସନ୍ଦେଶ ଉନ୍ମୋଚନ କରିଥିଲେ। ଶ୍ରୀ ବର୍ମା ଏହି ଅବସରରେ ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ସତର୍କତା ଶପଥ ପାଠ କରାଇଥିଲେ। ଉପ-ମହାପ୍ରବନ୍ଧକ (ସତର୍କତା) ଶ୍ରୀ ସନ୍ଦୀପ ବଂଶଲ ଭାରତର ମାନ୍ୟବର ରାଷ୍ଟ୍ରପତି ଙ୍କ ସନ୍ଦେଶ ପାଠ କରିଥିବା ବେଳେ, ଉପ -ମହାପ୍ରବନ୍ଧକ (ସତର୍କତା) ଶ୍ରୀ ଏ. କେ. ବିଶ୍ୱାଳ ଭାରତର ମାନ୍ୟବର ଉପ-ରାଷ୍ଟ୍ରପତିଙ୍କ ସନ୍ଦେଶ ପାଠ କରିଥିଲେ। ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସନ୍ଦେଶକୁ ଉପ-ମହାପ୍ରବନ୍ଧକ (ସତର୍କତା) ଶ୍ରୀ ଏସ. କେ. ଏସ. ରାଜପୁତ ପାଠ କରିଥିଲେ। ବରିଷ୍ଠ ପ୍ରବନ୍ଧକ (ସତର୍କତା) ଶ୍ରୀ ମୁକେଶ ସିଂ ମୁଖ୍ୟ ସତର୍କତା ଆୟୁକ୍ତ (ସି.ଭି.ସି)ଙ୍କ ସନ୍ଦେଶ ପାଠ କରିଥିଲେ। ସମାରୋହ ଅବସରରେ ସତର୍କତା ନିରୀକ୍ଷକ ଶ୍ରୀ ଜି. କେ. ଦାସ 'ଇମାନଦାରୀ ଆପକେ ହାଥ ମେ ହେ' ଶୀର୍ଷକ ଗୋଟିଏ ହିନ୍ଦୀ କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମ ସମୟରେ, ନୂତନ ଭାବେ ନିଯୁକ୍ତ ଏମ.ଟି.ଟି ମାନେ ସତର୍କତା ଉପରେ ନିଜେ ପ୍ରସ୍ତୁତ କରିଥିବା ଏକ ସାମୂହିକ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଶ୍ରୀ ଭାରତୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ଏକ ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଉପ-ମହାପ୍ରବନ୍ଧକ (ସତର୍କତା) ଶ୍ରୀ ସନ୍ଦୀପ ବଂଶଲ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବରିଷ୍ଠ ପ୍ରବନ୍ଧକ (ସତର୍କତା) ଶ୍ରୀ ବିକ୍ରାନ୍ତ ପଟେଲ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ। ପରେ, ଭାରପ୍ରାପ୍ତ ନିର୍ଦ୍ଦେଶକ ଅନ୍ୟାନ୍ୟ ଅତିଥିମାନଙ୍କ ସହ ମିଶି ଆକାଶକୁ ବେଲୁନ ଛାଡ଼ି ଆର.ଏସ.ପି.ରେ ସତର୍କତା ସଚେତନତା ସପ୍ତାହ ପାଳନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ସମୟରେ, ନୂତନ ଭାବେ ନିଯୁକ୍ତ ଏମ ଟି ଟି ମାନେ ସତର୍କତା ଉପରେ ନିଜେ ପ୍ରସ୍ତୁତ କରିଥିବା ଏକ ସାମୂହିକ ସଙ୍ଗୀତ ମଧ୍ୟ ପରିବେଷଣ କରିଥିଲେ।